নিରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୨୬ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 MAY 2023
Vol.No. 34 ■ No. 138 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ମୁକ୍ତ ହେବେ ରାଜ୍ୟର ବିଭିନ୍ନ ଜେଲ୍‌ରେ ଆଜୀବନ କାରାଦଣ୍ଡ କାଟୁଥିବା ୮ ଜଣ କଏଦୀ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ରାଜ୍ୟର ବିଭିନ୍ନ ଜେଲ୍‌ରେ ଆଜୀବନ କାରାଦଣ୍ଡ କାଟୁଥିବା ୮ ଜଣ କଏଦୀ ଜେଲ୍‌ରୁ ମୁକ୍ତ ହେବେ। ଓଡ଼ିଶା ଷ୍ଟେଟ ସେଂଟେନ୍ସ ରେଭିନ୍ୟୁ ବୋର୍ଡ ପକ୍ଷରୁ ସୁପାରିସ କରାଯିବା ପରେ ରାଜ୍ୟ ସରକାର ଏନେଇ ଅନୁମତି ଦେଇଛନ୍ତି। ସୂଚନାଯୋଗ୍ୟ, ଯେଉଁ କଏଦୀମାନେ ୧୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଜା କାଟି ସାରିଲେଣି, ତଥା ସଜା କାଟୁଥିବା ଏହି କଏଦୀମାନଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ଓଡ଼ିଶା ଷ୍ଟେଟ ସେଂଟେନ୍ସ ରେଭିନ୍ୟୁ ବୋର୍ଡ ପକ୍ଷରୁ ସୁପାରିସ କରାଯାଇଥିଲା। ରାଜ୍ୟ ସରକାର ଏନେଇ ରିଭିଉ କରିବା ପରେ ଏହି କଏଦୀମାନଙ୍କୁ ମୁକ୍ତ କରିବା ପାଇଁ ଅନୁମତି ଦେଇଛନ୍ତି। ବଲାଙ୍ଗୀର ଜେଲରୁ ୩ଜଣ କଏଦୀ, ରାଉରକେଲା ସ୍ପେଶାଲ ଜେଲ୍‌ରୁ ଜଣେ, ଜାମୁଝରି ମୁକ୍ତାକାଶ ଜେଲରୁ ଦୁଇଜଣ ଓ କୋରାପୁଟ ସର୍କଲ ଜେଲରୁ ୨ ଜଣ କଏଦୀ ହେବେ।

# ଅଷ୍ଟ୍ରେଲିଆ କଥା କହି ବିରୋଧୀଙ୍କ 'ବୟକଟ୍' ନିଷ୍ପତ୍ତିକୁ ଟାର୍ଗେଟ କଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ, ୨୫/୦୫ : ସଂସଦର ନୂଆ ବିଲ୍‌ଡିଂ ଉଦଘାଟନୀ କାର୍ଯ୍ୟକ୍ରମକୁ କଂଗ୍ରେସ ସମେତ ୧୯ଟି ବିରୋଧୀ ଦଳ ବୟକଟ କରିଥିବାରୁ ଏହାକୁ ଆଜି ପରୋକ୍ଷରେ ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଅଷ୍ଟ୍ରେଲିଆର ଉଦାହରଣ ଦେଇ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି। ୩ ଦିନିଆ ଜାପାନ, ପପୁଆ ନ୍ୟୁ ଗିନି ଓ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ମୋଦି ଆଜି ଦିଲ୍ଲୀ ଫେରିଛନ୍ତି। ସେ ଦିଲ୍ଲୀରେ ପହଞ୍ଚି ସିଡ୍‌ନୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କଥା ଉଠାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଦିଙ୍କୁ ଶୁଣିବା ପାଇଁ ୨୦ ହଜାର ଲୋକ ଆସିଥିଲେ। ମୋଦି ଏହାର ଉଦାହରଣ ଦେଇ କହିଛନ୍ତି ଯେ ଉକ୍ତ କାର୍ଯ୍ୟକ୍ରମରେ କେବଳ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନଥ୍ଲାନି ଆଲବାନେସ ଉପସ୍ଥିତ ନଥିଲେ ବରଂ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳର ସାଂସଦମାନେ ସାମିଲ ହୋଇଥିଲା। ସେମାନେ ନିଜ ଦେଶର ସମ୍ମାନ ପାଇଁ ଏକାଠି ହୋଇଥିଲେ। ଶାସକ ଦଳ ଓ ବିରୋଧୀ ଦଳର ସାଂସଦ ଏକାଠି ବସିଥିଲେ। ସେମାନେ ସମସ୍ତେ ମିଳିତ ଭାବେ ଏହି ସାର୍ବଜନୀନ କାର୍ଯ୍ୟକ୍ରମରେ ଭାଗ ନେଇ ଦେଶର ସମ୍ମାନ ରଖିଛନ୍ତି ବୋଲି ମୋଦି କହିଛନ୍ତି। ମହାମାରୀ କରୋନାର ଭୟଙ୍କର ରୂପ ବେଳେ ଭାରତ ସରକାର ବିଦେଶକୁ କୋଭିଡ ଟିକା ରପ୍ତାନୀ କରିଥିଲେ। ଏହା ଉପରେ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଏବେ ଏହି ପ୍ରସଙ୍ଗରେ ମଧ୍ୟ ସେ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, "ସମସ୍ୟା ସମୟରେ ମୋଦି କାହିଁକି ବିଦେଶକୁ ଟିକା ପଠାଉଥିଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ହେଲେ ସମସ୍ତେ ମନେ ରଖିବା ଦରକାର ଯେ ଏହି ଦେଶ ବୁଦ୍ଧଙ୍କର। ଏହା ଗାନ୍ଧିଙ୍କ ଦେଶ। ଆମେ ଆମ ଶତ୍ରୁ କଥା ମଧ୍ୟ ଚିନ୍ତା କରୁ। ଆମେ ଦୟା ବା କରୁଣା ଦ୍ୱାରା ଅନୁପ୍ରାଣିତ ହୋଇଥିବା ଲୋକ।" ରବିବାର ପ୍ରଧାନମନ୍ତ୍ରୀ ପ୍ରାୟ ୧୨ଶହ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ସଂସଦର ନୂଆ ବିଲଡିଂକୁ ଉଦଘାଟନ କରିବେ। ତେବେ କଂଗ୍ରେସ ସମେତ ୧୯ଟି ବିରୋଧୀ ଦଳ ଏହି କାର୍ଯ୍ୟକ୍ରମକୁ ବୟକଟ କରିବାକୁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବଦଳରେ ସେମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ସଂସଦର ନୂଆ ବିଲ୍‌ଡିଂ ଉଦଘାଟନ ହେବା ଦରକାର ବୋଲି କହିଛନ୍ତି।

## ବରିଷ୍ଠ ଓଏଏସ ସ୍ତରରେ ବଦଳି




ଭୁବନେଶ୍ୱର, ୨୫/୦୫ (ନି.ପ୍ର): ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ମହିଳା ଓ ଶିଶୁବିକାଶ ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ମନସ୍ୱିନୀ ସାହୁଙ୍କୁ ଶକ୍ତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରିଷ୍ଠ ଓଏଏସ୍ ଦିଗନ୍ତ ରାଉତରାୟଙ୍କୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି ।

▶▶ପୃଷ୍ଠା ୭

## ମଇ ୨୯ରୁ ଯୁକ୍ତ ଦୁଇରେ ନାମଲେଖା ଲାଗି ଆବେଦନ ଆରମ୍ଭ



ଭୁବନେଶ୍ୱର, ୨୫/୦୫ (ନି.ପ୍ର): ମେ ୨୯ ତାରିଖରୁ ଯୁକ୍ତ ଦୁଇରେ ନାମଲେଖା ଲାଗି ଆବେଦନ ଆରମ୍ଭ ହେବ। ଏନେଇ ଆଜି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଧିବଦ୍ଧଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ଯୁକ୍ତ ଦୁଇରେ ନାମଲେଖା ଲାଗି ଆବେଦନର ଶେଷ ତାରିଖ ଜୁନ୍ ୨୦। ଏସଏଏମଏସ୍ ପୋର୍ଟାଲ ଜରିଆରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଜୁନ ୨୮ ତାରିଖରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଜୁଲାଇ ୨୯ ତାରିଖରୁ ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନଙ୍କର କ୍ଲାସ୍ ଆରମ୍ଭ ହେବ। ସୂଚନାଯୋଗ୍ୟ, ଏଥର ମାଟ୍ରିକ୍ ପାସ୍ ହାର ରହିଛି ୯୬.୪ ପ୍ରତିଶତ। ଏବର୍ଷ ମୋଟ ୫୦୫୪୦୪ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୫୧୨୯୮ ଜଣ ଛାତ୍ର ଓ ୨୫୭୧୦୬ଜଣ ଛାତ୍ରୀ ଥିବା ଜଣାଯାଇଛି। ଗତ ବର୍ଷ ତୁଳନାରେ ଏ ବର୍ଷ ପରୀକ୍ଷାଫଳ ଭଲ ହୋଇଛି। ଛାତ୍ରଙ୍କ ତୁଳନାରେ ଏଥର ଛାତ୍ରୀମାନଙ୍କର ପାସ୍ ହାର ଅଧିକ ରହିଛି।ଚଳିତବର୍ଷ ୫ଲକ୍ଷ ୪୧ହଜାର ୨୪୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ୫ଲକ୍ଷ ୩୨ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ସିବିଆଇ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରବୀଣ ସୁଦ



ନୂଆଦିଲ୍ଲୀ, ୨୫/୦୫ : ସିବିଆଇ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ କର୍ଣ୍ଣାଟକ ପୂର୍ବତନ ଡିଜିପି ପ୍ରବୀଣ ସୁଦ। ଆଜି(ମେ ୨୫) ସେ ବିଧିବଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୮୬ ବ୍ୟାଚ୍ ?ର ଆଇପିଏସ୍ ଅଫିସର ସୁଦଙ୍କୁ ଗତ ମେ ୧୪ ତାର ସିବିଆଇ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା।ସେ ଆସନ୍ତା ୨ ବର୍ଷ ପାଇଁ ଏହି ପଦରେ ରହିବେ। ଆଜି (ମେ ୨୫) ତାରିଖରେ ସିବିଆଇ ଡାଇରେକ୍ଟର ଭାବେ ସୁବୋଧ ଜୈୟଶ୍ୱାଲଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଆଜି ଠାରୁ ପ୍ରବୀଣ ତାଙ୍କ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସିବିଆଇ ଚିଫ୍ ପାଇଁ ସିଲେକ୍ସନ କମିଟିର ବୈଠକ ହୋଇଥିଲା। ଏଥିର ତିନି ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ନାଁକୁ ସର୍ଟଲିଷ୍ଟ୍ କରାଯାଇଥିଲା । ବୈଠକ ପ୍ରଧାନମନ୍ତ୍ରୀ

▶▶ପୃଷ୍ଠା ୭

## କାଳବୈଶାଖୀ: ଉପକୂଳ ଜିଲ୍ଲାମାନଙ୍କରେ ବ୍ୟାପକ କ୍ଷୟକ୍ଷତି



ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଅପରାହ୍ନ ପ୍ରାୟ ୨ଟା ପରେ ଅଚାନକ ମାଡ଼ି ଆସିଲା କାଳବୈଶାଖୀ। ପ୍ରଚଣ୍ଡ ଶବ୍ଦ ସହ ବଜ୍ରପାତ ସାଙ୍ଗକୁ ଜୋର ପବନ ଓ ବର୍ଷା ହୋଇଥିଲା। ଉପକୂଳ ଓଡ଼ିଶାର ଅନେକ ଜାଗାରେ କାଳବୈଶାଖୀ ତାଣ୍ଡବ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୁବନେଶ୍ୱର, କଟକ, ପିପିଲି, ପୁରୀ, ଢେଙ୍କାନାଳ, ଖୋର୍ଦ୍ଧାରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଛି। ବହୁ ଘରର ଚାଳ, ଟିଣ ଛପର ଉଡ଼ି ଯାଇଛି। ଗଛ ପଡ଼ି ଘର ଭାଙ୍ଗିଛି। କୁଆପଥର ମାଡ଼ରେ ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ବର୍ଷା ଓ ପବନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ କ୍ଷୟକ୍ଷତି ରିପୋର୍ଟ

▶▶ପୃଷ୍ଠା ୭

### କାଳବୈଶାଖୀ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଏସଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଗୁରୁବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ଯୋଗୁଁ ବିଭିନ୍ନ ଅଂଚଳ ପ୍ରଭାବିତ ହୋଇଛି। ଉପକୂଳ ଓଡ଼ିଶାର ଅନେକ ଜାଗାରେ କାଳବୈଶାଖୀ ତାଣ୍ଡବ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୁବନେଶ୍ୱର, କଟକ, ପିପିଲି, ପୁରୀ, ଢେଙ୍କାନାଳ, ଖୋର୍ଦ୍ଧାରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଛି। ବହୁ ଘରର ଚାଳ, ଟିଣ ଛପର ଉଡ଼ି ଯାଇଛି। ଗଛ ପଡ଼ି ଘର ଭାଙ୍ଗିଛି। କୁଆପଥର ମାଡ଼ରେ ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ବର୍ଷା ଓ ପବନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ ସରବରାହ ତୁରନ୍ତ ପୁନର୍ବାହାଲ କରିବା, ଗଛ ପଡ଼ିଥିଲେ ଅଗ୍ନିଶମ କର୍ମଚାରୀଙ୍କ ସହାୟତା ନେଇ ରାସ୍ତାଘାଟ ସଫା କରିବା, କାହାରି ଜୀବନହାନୀ ଘଟିଥିଲେ ବା କେହି ଆହତ ହୋଇଥିଲେ ରିପୋର୍ଟ ଦେବା, ଝଡ଼ରେ ଭାଙ୍ଗିଥିବା ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଛି।

## ସତ୍ୟେନ୍ଦ୍ର ଜୈନ୍‌ଙ୍କୁ 'ଅକ୍ସିଜେନ୍ ସପୋର୍ଟ'ରେ ରଖି 'ଏଲ୍‌ଏନ୍‌ଜେପି'କୁ ନିଆଯାଉଛି: 'ଆପ୍'



ନୂଆଦିଲ୍ଲୀ, ୨୫/୦୫ : 'ଅକ୍ସିଜେନ୍' ଦିଆଯାଇ ଦିଲ୍ଲୀର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅଧିକ ଚିକିତ୍ସା ନିମନ୍ତେ 'ଏଲ୍‌ଏନ୍‌ଜେପି' ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଉଥିବା କଥା 'ଆମ୍ ଆଦ୍‌ମୀ ପାର୍ଟି' କହିଛି। ତିହାର ଜେଲ୍ କର୍ତ୍ତୃପକ୍ଷମାନେ ବି ଏ ଖବରକୁ ସୁନିଶ୍ଚିତ କରିଛନ୍ତି। ତିହାର ଜେଲ୍ ମେଡିକାଲ୍ ଟିମ୍ ରେଫର କରିବାରୁ ଜୈନ୍‌ଙ୍କୁ ହସ୍ପିଟାଲ୍ ଅଣାଯାଇଥିଲା ବୋଲି 'ଦୀନ୍ ଦୟାଲ୍ ଉପାଧ୍ୟାୟ ହସ୍ପିଟାଲ୍'ର (ଡିଡିୟୁ) ଡାକ୍ତରମାନେ କହିଛନ୍ତି। ପିଠି, କାନ୍ଧ ଓ ଆଣ୍ଠୁ ବିନ୍ଧା ଲାଗି ରହୁଛି ବୋଲି କହିବା ପରେ ତାଙ୍କର ଏକ୍ସ-ରେ ଏବଂ ସ୍କାନ୍ କରାଯାଇଥିଲା। ତା'ପରେ ଆଜି ସକାଳ ୧୦ଟା ପର୍ଯ୍ୟନ୍ତ ନିରୀକ୍ଷଣରେ ରଖାଯାଇଥିଲା। ତା'ପରେ ତାଙ୍କୁ 'ଲୋକ ନାୟକ ହସ୍ପିଟାଲ୍' (ଏଲ୍‌ଏନ୍‌ଜେପି)କୁ ରେଫର କରାଯାଇଥିବା କଥା ହସ୍ପିଟାଲ୍ ଅଧିକାରୀମାନେ କହିଛନ୍ତି।ତିହାର ଜେଲ୍ 'ଡିଜି'ଙ୍କ କହିବା ଅନୁସାରେ, ଜେଲ୍ ପରିସରସ୍ଥିତ ସେଲ୍ ନମ୍ବର ୭ରେ ରଖାଯାଇଥିବା ସତ୍ୟେନ୍ଦ୍ର ଜୈନ୍ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ୱାସ୍‌ରୁମ୍ ମଧ୍ୟରେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇ କେତେଗୁଡ଼ିଏ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ତାଙ୍କ ମେରୁଦଣ୍ଡରେ ଅସ୍ତ୍ରୋପଚାର କରାଯିବ। ଦୁର୍ବଳ ଲାଗୁଛି ବୋଲି କହିବାରୁ ଜୈନ୍‌ଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା ବୋଲି ଆଉ ଜଣେ ଜେଲ୍ ଅଧିକାରୀ କହିଛନ୍ତି। ତାଙ୍କ ଶରୀରର ଅଭ୍ୟନ୍ତର ଅଙ୍ଗପ୍ରତ୍ୟଙ୍ଗ (ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ମସ୍ତିଷ୍କ) ଆଦି ସ୍ୱାଭାବିକ ଥିବା ଜଣାପଡ଼ିଛି। କିନ୍ତୁ, ତାଙ୍କ ପିଠି, ବାମ ଗୋଡ଼ ଏବଂ କାନ୍ଧ ବିନ୍ଧୁଛି ବୋଲି ସେ କହୁଛନ୍ତି।

## ହିଙ୍ଗୋଲି ଜିଲ୍ଲାରେ ଟ୍ରକ୍ - ଟେମ୍ପୋ ଧକ୍କା : ୫ ମୃତ, ଜଣେ ଆହତ

ମୁମ୍ବାଇ, ୨୫/୦୫ (ନି.ପ୍ର): ହିଙ୍ଗୋଲି ଜିଲ୍ଲାରେ ହିଙ୍ଗୋଲି-ନାନ୍ଦେଡ ହାଇୱେର ମାଲଗାଓଁ ନିକଟରେ ଗୁରୁବାର ଭୋର୍ ପ୍ରାୟ ୪ଟା ସମୟରେ ଟ୍ରକ୍ - ଟେମ୍ପୋ ଧକ୍କା ହେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ନିମନ୍ତେ କଲମନୁରୀ ସ୍ଥିତ ଜିଲ୍ଲା ହସ୍ପିଟାଲରେ ଭର୍ତି କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଗତକାଲି ରାତିରେ ଟେମ୍ପୋଟି କଲମନୁରୀରୁ ନାନ୍ଦେଡ ଅଭିମୁଖେ ଯାଉଥିଲା । ଭୋର୍ ପ୍ରାୟ ୪ଟା ସମୟରେ ଗାଡି ଚଳାଉଥିବା ସମୟରେ ହଠାତ୍ ଟେମ୍ପୋ ଚାଳକର ଆଖି ଲାଗି ଯାଇଥିଲା । ଫଳରେ ଟେମ୍ପୋଟି ଭାରସାମ୍ୟ ହରାଇ ସାମ୍ନାରେ ଯାଉଥିବା ଟ୍ରକ୍ କୁ ଧକ୍କା ଦେଇଥିଲା ।

## କନ୍ୟାହନ୍ତା ମା' ଓ ଦ୍ୱିତୀୟ ସ୍ୱାମୀଙ୍କୁ ଆଜୀବନ



ବାଲେଶ୍ୱର, ୨୫/୦୫ (ନି.ପ୍ର): ନାବାଳିକା କନ୍ୟା ହତ୍ୟା ମାମଲାର ବିଚାର କରି ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ ଦାସ ଅଭିଯୁକ୍ତ ମାଆ ବେବୀ ବିବି ଓ ଦ୍ୱିତୀୟ ସ୍ୱାମୀ ଶେଖ ଅବଦୁଲ ରହିମଙ୍କୁ ଦୋଷୀ ସାବ୍ୟସ୍ତ ସହ ଆଜୀବନ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ କାରାବାସ ପାଇଁ ରାୟରେ ନିର୍ଦ୍ଦେଶ ରହିଛି। ବାଲେଶ୍ୱର ପୌରାଞ୍ଚଳ ୪ନଂ ୱାଡ଼ ଅନ୍ତର୍ଗତ ପୁଲ ବଜାର ରେଜାଉଲା ଲେନର ଶେଖ କୁତବୁଦ୍ଦିନ ଓ ବେବୀ ବିବିଙ୍କର ବିବାହ ହୋଇଥିଲା। ସେମାନଙ୍କଠାରୁ ୩ ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତେବେ ପାରିବାରିକ କଳହରୁ ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ପରେ ବେବୀ ସମ୍ପୃକ୍ତ ଅଞ୍ଚଳର ଶେଖ ଅବଦୁଲ ରହିମଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ମାତ୍ର ପ୍ରଥମ ସ୍ୱାମୀଙ୍କ ଔରସରୁ ଜନ୍ମିତ ୩ ପିଲା ବେବୀ ଓ ରହିମଙ୍କ ସହିତ ରହୁଥିଲେ। ତେବେ ବଡ଼ ଝିଅ ଅର୍ଥାତ ୧୩ ବର୍ଷର ନାବାଳିକା ମା'ର ଦ୍ୱିତୀୟ ବିବାହକୁ ଗ୍ରହଣ କରି ପାରୁନଥିଲା। ଏହାକୁ ନେଇ ମାଆ ବେବୀ ବିବି ଅସହିଷ୍ଣୁ ହୋଇପଡ଼ିବା ସହିତ ଶେଷରେ ଦ୍ୱିତୀୟ ସ୍ୱାମୀ ସହ ମିଶି ଅତି ନିର୍ମମ ଭାବେ ପିଟି ପିଟି ନିଜର ଜନ୍ମିତ କନ୍ୟାକୁ ହତ୍ୟା କରିଥିଲା। ଘଟଣାଟି ଘଟିଥିଲା ୨୦୨୨ ମସିହା ଜୁନ ୨୫ ତାରିଖରେ। ଏହି ହତ୍ୟାକାଣ୍ଡକୁ ବେବି ଓ ରହିମ ସେତେବେଳେ ସାଧାରଣ ମୃତ୍ୟୁ ବୋଲି ଦର୍ଶାଇଥିଲେ। ମାତ୍ର ମୃତ କନ୍ୟାର ପିତା ଶେଖ କୁତବୁଦ୍ଦିନଙ୍କ ମନରେ ସନ୍ଦେହ ହେବାରୁ ସେ ୩ ଦିନ ପରେ ଅର୍ଥାତ ୨୮ ତାରିଖରେ ଟାଉନ ଥାନାରେ ଏତଲା ଦେଇଥିଲେ। ସିଟି କେସ ନଂ ୪/୩୧୨/୨୦୨୨ର ସମସ୍ତ ସାକ୍ଷୀଙ୍କ ବୟାନ ଓ ଆନୁସଙ୍ଗିକ ଦସ୍ତାବିଜକୁ ଭିତ୍ତି କରି ଓପିଆଇଡି କୋର୍ଟ ଜଜ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ ସହ ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ୮ ଡିଗ୍ରୀ କଲେଜକୁ ନୋଟିସ୍

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଭୁବନେଶ୍ୱରରେ ଅନୁଷ୍ଠିତ ଇ-ଆଡମିଶନ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେଇ ନଥିବାରୁ ୮ ଡିଗ୍ରୀ କଲେଜ୍ ସହ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଗତ ୨୩ ଓ ୨୪ ତାରିଖରେ ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ଟ୍ରେନିଂ ଶିବିର। ହେଲେ ଏହି କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ତେଣୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳସଚିବ ଓ ୮ କଲେଜ ଅଧକ୍ଷମାନଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସେମାନେ କାହିଁକି ଏଥିରେ ଯୋଗ ଦେଲେନି ମେ' ୨୯ ତାରିଖ ସୁଦ୍ଧା ଜବାବ ଦେବାକୁ ନିର୍ଦ୍ଦେଶ ହୋଇଛି।

## ହାଇବ୍ରିଡ୍ ନଡିଆ ଓ ମାଛ ଚାଷ ପାଇଁ ଚାଷୀମାନଙ୍କୁ ତାଲିମ

କେନ୍ଦ୍ରାପଡ଼ା, ୨୫/୦୫ (ନି.ପ୍ର): ନାବାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଡା ଆନୁକୂଲ୍ୟରେ ମାଛ ଚାଷ ଏବଂ ନଡିଆ ଚାଷ ସହିତ ନଡିଆ ଚାରା ପ୍ରସ୍ତୁତି ପାଇଁ ଏକ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନାବାର୍ଡ ଡି.ଡି.ଏମ୍ ଅଶୋକ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ(ସାଧାରଣ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଏଲ.ଡି.ଏମ ମଳୟ କୁମାର ମିତ୍ର, ଓ.ୟୁ.ଏ.ଟି ର ଅବସର ପ୍ରାପ୍ତ ପ୍ରଫେସର ଡ଼ଃ ଶରତ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, ଡ଼ଃ ନମିତା ଦାସ, ମାନସ ରଞ୍ଜନ ବେହେରା, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ ଏବଂ ସେଡାର ସଂପାଦକ ଈଶ୍ୱର ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ହୋଇ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ପଂଚାୟତ ୩୫ ଜଣ ନଡିଆ ଓ ମତ୍ସ୍ୟଚାଷୀଙ୍କୁ ହାଇବ୍ରିଡ୍ ନଡିଆ ଚାରା ଓ ମାଛ ଚାଷ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ନଡିଆ ଚାରା ଆମଦାନୀ ଠାରୁ ଫଳ ହେବା ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କୁ ସହଯୋଗ କରାଯିବ ବୋଲି ଜଣାପଡିଛି । କାର୍ଯ୍ୟକ୍ରମରେ ସେଡାର ସଂଯୋଜକ ମଣ୍ଟୁ ବାରିକ ସହ ଯୋଗ କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଖୋର୍ଦ୍ଧା, ୨୫/୦୫ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲପାଳ କେ ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ ବୈଠକରେ ସ୍ୱାଗତ ଭାଷଣ ରଖିବା ସଂଗେ ସଂଗେ ବୈଠକ ପରିଚାଳନା ମଧ କରଥିଲେ. ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ମାନ୍ୟବର ବିଧାୟକ, ଖୋର୍ଦ୍ଧା, ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ମାନ୍ୟବର ବିଧାୟକ, ବେଗୁନିଆ ରାଜେନ୍ଦ୍ର କୁମାର ସାହୁ, ମାନ୍ୟବର ବିଧାୟକ, ଚିଲିକା ନିର୍ବାଚନ ମଣ୍ଡଳୀ, ପ୍ରଶାନ୍ତ କୁମାର ଜଗଦେବ , ଜିଲ୍ଲା ପରିଷଦ ଉପାଧକ୍ଷ, ଗୋପୀନାଥ ମହାରଣା, ଜିଲ୍ଲା ଉନ୍ନୟନ ତଥା କାର ?ୟ ନିର୍ବାହୀ ଅଧିକାରୀ, ଦିଗନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ରେ ପ୍ରଥମେ ବନ୍ୟା ବାତ୍ୟା ର ମୁକାବିଲା ପାୟନ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଜିଲ୍ଲାର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ,ଉପ -ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ସମସ୍ତ ତହସିଲଦାର ଙ୍କ କାର୍ଯ୍ୟାଳୟ, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମେ ମାସ ପ୍ରଥମ ଦିବସ ଠାରୁ ନଭେମ୍ବର ମାସ ଶେଷ ପର ?ୟନ୍ତ ଚାଲୁ ରହିବା ପାଇଁ ସ୍ଥିର କରାଇଥିବାର ଉପସ୍ଥାପନା କରାଯାଇଥିଲା. ଜିଲ୍ଲା ନିୟନ୍ତ୍ରଣ କକ୍ଷ ର ଫୋନ ନମ୍ବର ୦୬୭୫୫୨୨୦୦୦୨ ଏବଂ ଜରୁରୀ କାଳୀନ ଉପ - ବିଭାଗର ଟୋଲ ଫ୍ରି ନମ୍ବର ୧୦୭୭ ଙ୍କୁ ଜରୁରୀ କାଳୀନ ବାର୍ତା ପ୍ରଦାନ କରାଯାଇପାରିବ ବୋଲି ତଥ୍ୟ ପ୍ରଦାନ କରାଯାଇଥିଲା । ବର୍ଷାଜଳ ପରିମାପକ କେନ୍ଦ୍ର ମରାମତି ଓ ନିର୍ଦ୍ଦିଷ୍ଟ ସମୟରେ ବୃଷ୍ଟିପାତ ବିବରଣୀ ପ୍ରେରଣ ସମ୍ପର୍କ ରେ ଆଲୋଚନା କରାଯାଇଥିଲା । ସେହିପରି ବିଧାୟକ ମାନେ ରାଜୁଆ ଏବଂ ଶାଳିଆ ନଦୀ ବନ୍ଧ ବିଷୟରେ ବିଭିନ୍ନ ଯନ୍ତ୍ରୀ ମାନଙ୍କୁ ତାଗିଦ କରିଥିଲେ ।ପୋତି ହୋଇଯାଇଥିବା ଡ୍ରେନେଜ ଗୁଡିକର ଖୋଳେଇ କରି ପରିଷ୍କାର କରାଯିବାକୁ ତ୍ୱରାନ୍ୱିତ କରଥିଲେ. ଚେକ ଡାମ ଗୁଡିକର ମରାମତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରା ଯାଇଥିଲା ।ଦୁର୍ବଳ ନଦୀବନ୍ଧ ଓ କେନାଲ ବନ୍ଧ ର ଯୁଗ୍ମ ତଦନ୍ତ ଓ ଜଳସେଚନ ବିଭାଗର ଅଧିକାରୀ ମାନେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ନେଇଥିବା ଆଗୁଆ ପଦକ୍ଷେପ ତଥା ଏଥି ପାଇଁ ଆବଶ୍ୟକ ଆର୍ଥିକ. ଅନୁଦାନ ର ଆକଳନ କରାଯାଇଥିଲା ।ବନ୍ୟା ଓ ବାତ୍ୟା ପ୍ରବଣ ଅଂଚଳରେ ୩୮୦ ଟିଅସ୍ଥାୟୀ ଆଶ୍ରୟ ସ୍ଥଳ ୫୦ ଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ କରା ଯାଇଛି ଏପରିକି ଆଶ୍ରୟ ସ୍ଥଳୀ ଗୁଡିକୁ ଦିଆ ଯାଇଥିବା ଉପକରଣ ଗୁଡିକ ଯଥା ଆସ୍କାଲାଇଟ, ଚେନ ସ ଗୁଡିକ ନିକଟସ୍ଥ ଅଗ୍ନିଶମ ବିଭାଗଙ୍କୁ ହସ୍ତାନ୍ତର, ଆଶ୍ରୟସ୍ଥଳୀ ମାନଙ୍କରେ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ଏବଂ ରନ୍ଧା ଖାଦ୍ୟ ଓପିଇବା ପାଣି ର ବ୍ୟବସ୍ଥା, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ପୌରାଂଚଳ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

## ଜଗନ୍ନାଥ ସାଗରର ଜଳନିଷ୍କାସନ ସହିତ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ

ଜୟପୁର, ୨୫/୦୫ (ନି.ପ୍ର): ଜୟପୁର ଜଗନ୍ନାଥ ସାଗରର ଜଳ ନିଷ୍କାସନ ସହିତ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଛନ୍ତି । କ୍ଷୁଦ୍ର ଜଳ ସେଚନ ବିଭାଗ ଜୟପୁର ଦ୍ୱାରା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ କରାଯାଇଛି । ୪ କୋଟି ୯୮ ଲକ୍ଷ ଟଙ୍କା ବିନିମୟରେ ୧୧୨୭ ମିଟର ଡ୍ରେନ ନିର୍ମାଣ ହେବା କୁ ଯାଉଛି । ନୁଆ ସାହି ଠାରୁ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳ ସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରା, ଏସଡିଓ ଚିନ୍ମୟ ମଲ୍ଲିକ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ସାଗରିକା ଷଡଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ । ସାଗର ଭିତରେ ଦୂଷିତ ପାଣି ପଶି ପାଣିକୁ ନଷ୍ଟ କରିବା ସହ ସାଗରରେ ସହରର ଅଳିଆ ଆବର୍ଜନା ପାଣି ପଶୁଥିଲା । ଏନେଇ ସହରବାସୀ ଦାବି କରିବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବିଧାନ ସଭାରେ ଦାବି କରିଥିଲେ । ଏହାକୁ ଗୁରୁତର ସହ ନେଇ ସରକାର ପଦକ୍ଷେପ ନେଇଥିଲେ । ଏପରି କାର୍ଯ୍ୟକୁ ଜୟପୁରବାସୀ ପ୍ରଶଂସା କରିଥିବା ଜଣାଯାଇଛି ।

## ରଜାବନ୍ଧ ମା’ ବନଦୁର୍ଗା ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା ଚୟନ

ଚମ୍ପୁଆ, ୨୫/୦୫ (ନି.ପ୍ର): ଚମ୍ପୁଆ ବ୍ଲକ ଷଡ଼ଙ୍ଗୀ ପଂଚାୟତ ଅନ୍ତର୍ଗତ ରଜାବନ୍ଧ ଗ୍ରାମର ମା ବନଦୁର୍ଗା ବନ ସଂରକ୍ଷଣ ସମିତି ଆନୁକୂଲ୍ୟରେ ବାପୁଜୀ କ୍ଲବ ପରିସରରେ ଜଙ୍ଗଲ ସଚେତନତା ସଭା କରାଯାଇ ମା ବନଦୁର୍ଗା ବନ ସଂରକ୍ଷଣ ସମିତିର ନୂତନ କର୍ମକର୍ତା ଚୟନ କରାଯାଇଛି । ସମିତିର ଉପଦେଷ୍ଟା ଶ୍ରୀ ଅନାଦି ଚରଣ ମହାନ୍ତଙ୍କ ସଭାପତିତ୍ୱରେ ହୋଇଥିବା ସଚେତନତା ସଭାରେ ଅଥିତି, ବକ୍ତା ଭାବେ ବନ ବିଭାଗୀୟ ଅଧିକାରୀ ଉଖୁଣ୍ଡା ବନପାଳ ଶ୍ରୀ ପ୍ରମୋଦ କୁମାର ବେହେରା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ, ପୂର୍ବତନ ସରପଂଚ ନଗେନ୍ଦ୍ର ନାଥ କର, ସମାଜସେବୀ ଶତ୍ରୁଘ୍ନ କର, ଗ୍ରାମର ଭଦ୍ରବ୍ୟକ୍ତି ବଳଭଦ୍ର ମହାନ୍ତ, ଫକୀର ଚରଣ ମହାନ୍ତ, ପ୍ରମୁଖ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା ଓ ଜଙ୍ଗଲ ର ସୁରକ୍ଷା ବାବଦରେ ଗ୍ରାମବାସୀ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଜୀବ ଜଗତ ପାଇଁ ବୃକ୍ଷର ଆବଶ୍ୟକତା, ମହତ୍ୱ ଓ ଉପକାରିତା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ । ସଭା ପରେ ବନ ସମିତିର ପରିଚାଳନା ପାଇଁ ସର୍ବ ସମତି କ୍ରମେ ନୂତନ କର୍ମକର୍ତା ଭାବେ ସଭାପତି - ଶ୍ରୀ ସୁନାରାମ ମହାନ୍ତ, କୋଷାଧକ୍ଷ- ଚତୃର୍ଭୁଜ ମହାନ୍ତ ଓ ସଦସ୍ୟ ଭାବେ ଶ୍ରୀମତୀ ଭଗବତୀ ମହାନ୍ତ, ସାବିତ୍ରୀ ମହାନ୍ତ, ସସ୍ମିତା ମହାନ୍ତ, ପ୍ରଭାତୀ ମହାନ୍ତ ପ୍ରମୁଖଙ୍କୁ କମିଟିର ଦାଇତ୍ୱ ନ୍ୟସ୍ତ କରାଯାଇ ଥିଲା । ଏଥିରେ ଗ୍ରାମର ଯୁବକ ସଂଘ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଆଦି ସହଯୋଗ କରିଥିଲେ ।

## ରୋଷେଇ ବଗିଚାକୁ ମୋ ବିହନ - ମୋ ବଗିଚା କରାଯାଉ

ମାଲକାନଗିରି, ୨୫/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସମେତ ଓଡିଶା ରାଜ୍ୟର ସମସ୍ତ ଜିଲ୍ଲାରେ ମୋ ବିହନ - ମୋ ବଗିଚା କାର୍ଯ୍ୟକାରୀ କରିବା ପାଇଁ ମାଲକାନଗିରି ଜିଲ୍ଲାର ଶ୍ରମଜୀବି ସଂଗଠନ ଓ ମହିଳା ଶ୍ରମଜୀବି ସଂଗଠନ ତରଫରୁ ଦାବୀ କରାଯାଇଛି । ସାମ୍ବାଦିକ ସମ୍ମିଳନୀ ମାଧମରେ ସଙ୍ଗଠନର କର୍ମକର୍ତ୍ତାମାନେ ସୁଚନା ଦେଇଥିଲେ । ଆମ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ ଆଦିବାସୀ, ଦଳିତ ବର୍ଗ ପିଲାମାନେ ଅପପୁଷ୍ଟିର ଶିକାର ହେଉଛନ୍ତି, ଯାହାକି ଦେଶର କଲ୍ୟାଣ ମୂଳକ ନୀତି ପାଇବାରେ ଏମାନେ ହେଉଛନ୍ତି ଶେଷ ଧାଡିରେ ଥିବା ପରିବାରମାନେ । ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିହନର ଗୁଣବତା ଭଲ ରହିବା ଏବଂ ଭଲ ଉତ୍ପାଦନ ଦେଇଥାଏ !ଏହା ଦ୍ୱାରା ସଂଗଠନ ସାମ୍ବାଦିକ ସମ୍ମିଳନୀରେ ଜଣାଇଥିଲେ ଯେ, ୨୦୨୩ ଜୁନ ଶେଷ ସୁଦ୍ଧା ସମସ୍ତ ପରିବାରକୁ ପୁଷ୍ଟିକର ପନିପରିବା ବଗିଚା ପାଇଁ ବିହନ ଯୋଗାଇ ଦିଆଯାଉ ଏବଂ ଏହା ସହ ସରକାରଙ୍କ ଠାରେ ୪ ଦଫା ଦାବୀ ମଧ ଉଲ୍ଲେଖ କରିଛନ୍ତି ଯଥା ଏହି ଯୋଜନା ସମସ୍ତ ଅନୁସୁଚିତ ଜାତି, ଜନଜାତି ଅଧୁଷିତ ଅଂଚଳ, ଦୁର୍ଗମ ଅଂଚଳ, ଗ୍ରାମ ପଂଚାୟତ, ବ୍ଲକ, ଜିଲ୍ଲା ଆଦିରେ କାର୍ଯ୍ୟକାରୀ କରାଯାଉ । ସମସ୍ତ କିଟ୍ ରେ ବିହନର ପରିମାଣ ଓ ପ୍ରକାର ବୃଦ୍ଧି କରାଯାଉ । ଶୀତ କାଳୀନ ବିହନକୁ ଅଲଗା ଅଲଗା ପ୍ୟାକେଟ୍ ରେ ପ୍ରଦାନ କରାଯାଉ । ଏହି ଯୋଜନାକୁ ମୋ ବିହନ – ମୋ ବଗିଚା ନାମରେ କାର୍ଯ୍ୟକାରୀ କରାଯାଉ ବୋଲି ଶ୍ରମଜୀବୀ ସଂଗଠନ ଲୋକ ସଂଗଠନ ର ସଦସ୍ୟ/ସଦସ୍ୟା ଗାର୍ଗି ମାଢ଼ି, ଶୁଭଶ୍ରୀ ମାଢ଼ି, ଦହନା ମାଡକାମୀ, ସୀତାରାମ ଦୁରୁଆ, ରାମ ବଡ଼ନାୟକ, ଗୋବର୍ଧନ ପାଙ୍ଗି, ମୁକୁନ୍ଦ ମାଡକାମୀ, ତ୍ରିନାଥ ବଡ଼ନାୟକ ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ମତ ପ୍ରକାଶ କରିଥିଲେ !

## ଘଡେଇ କଲେଜ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, ୨୫/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାର ଅନ୍ୟତମ ଶିକ୍ଷା ପ୍ରତିଷ୍ଠାନ, ଘଡ଼େଇ କଲେଜ ଆନୁକୁଲ୍ୟରେ ଚଳିତ ବର୍ଷ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍କୁଲରେ ମାଟ୍ରିକ ପରୀକ୍ଷାରେ ୮୦ରୁ ୯୦ % ଶତାଂଶ ନମ୍ବର ରଖି ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ପ୍ରାକ୍ତନ ବିଧାୟକ ତଥା ଯୁବନେତା ମାନସ ମାଡ଼କାମି, ଅନ୍ୟତମ ଅତିଥି ପ୍ରାକ୍ତନ ଜିଲ୍ଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି, ମୁଖ୍ୟ ବକ୍ତା ମାଲକାନଗିରି କଲେଜ ର ଅଧାପକ ଡଃ ରଞ୍ଜନ କୁମାର ସ୍ୱାଇଁ, ଅନ୍ୟତମ ବକ୍ତା ବିଶିଷ୍ଟ ଶିକ୍ଷାବିତ ତଥା ସାମ୍ବାଦିକ ଶିବ ପ୍ରସାଦ କିର୍ତନୀୟା, ଶିକ୍ଷକ ସଞ୍ଜିବ ପାଣିଗ୍ରାହୀ ଏବଂ ଘଡ଼େଇ କଲେଜ ର ପରିଚାଳନା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଘଡ଼େଇ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ଅତିଥି ତଥା ଅନ୍ୟାନ୍ୟ ଅତିଥି ବୃନ୍ଦ ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତରେ କଠିନ ପରିଶ୍ରମ ଓ ଅଧବସାୟ ଦ୍ୱାରା ଭବିଷ୍ୟତରେ ଭଲ ନମ୍ବର ରଖି ଉଚ୍ଚ ପଦ ପଦବୀ ରେ ଅଧିଷ୍ଠିତ ହୋଇ ଦେଶ, ରାଜ୍ୟ ଏବଂ ସମାଜର ଉନ୍ନତି ଓ ମଙ୍ଗଳ ସାଧନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ମାତା ପିତା ତଥା ଗୁରୁ ମାନଙ୍କ ସ୍ୱପ୍ନ ସାକାର କରିବା ସହିତ, ଜଣେ ଜଣେ ସୁ ନାଗରିକ ହୋଇ ଦେଶର ସମ୍ମାନ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ପାଇଁ ଉପଦେଶ ଦେଇଥିଲେ । ଏହି ଉତ୍ସବରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଏହି ଉତ୍ସବକୁ ସଫଳ କରିବା ପାଇଁ, ଘଡ଼େଇ କଲେଜର ସମସ୍ତ ଅଧାପକ ଅଧାପିକାମାନେ ସହଯୋଗ କରିଥିଲେ ।

## ଚାପମୁକ୍ତ ହୋଇ କାର୍ଯ୍ୟ କରିବା ନିମନ୍ତେ କର୍ମଶାଳା

ମାଲକାନଗିରି, ୨୫/୦୫ (ନି.ପ୍ର): କର୍ମକ୍ଷେତ୍ରରେ ବେଳେବେଳେ ଅତ୍ୟଧିକ ଚାପ ସାମ୍ନା କରିବାକୁ ପଡିଥାଏ । ଯଦି ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଆଯାଏ ନାହିଁ, କର୍ମକ୍ଷେତ୍ରରେ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପ୍ରଭାବିତ ହୋଇଥାଏ, ଏହା ସହିତ ଘରେ ମଧ ଅପ୍ରୀତିକରତା ଦେଖାଯାଏ । ତେଣୁ କର୍ମଚାରୀମାନଙ୍କୁ ସେମାନଙ୍କର ଭାବନା, କାର୍ଯ୍ୟ ଏବଂ ଚାପ ସ୍ତର ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ମହେଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ତ୍ରିନାଥ ମାଝୀ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ରୁ ବ୍ରହ୍ମ କୁମାରୀ ନିଲମ୍ ଏବଂ ବ୍ରହ୍ମ କୁମାରୀ ଡଃ ରୀନା ମଂଚାସିନ ଥିଲେ । ଏହି କର୍ମଶାଳାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ବର୍ତମାନ ସମୟରେ ମାନସିକ ସ୍ୱାସ୍ଥ୍ୟ ଏକ ଗୁରୁତ୍ୱପୂର୍ଣ ପ୍ରସଙ୍ଗ ପାଲଟିଛି । ନିଜର ଚାପକୁ ନିୟନ୍ତ୍ରଣ କରି କିଭଳି କର୍ମକ୍ଷେତ୍ରରେ ଉତମ ସେବା ଯୋଗାଇ ପାରିବା ସେଥି ନିମନ୍ତେ ଏଭଳି କର୍ମଶାଳା ଆୟୋଜନ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କର୍ମଶାଳାରେ ବ୍ରହ୍ମକୁମାରୀ ରୀନା ଶାନ୍ତିପୂର୍ଣ୍ଣ ଜୀବନଯାପନ ଏବଂ ଉତମ ଶାସନ ନିମନ୍ତେ ଆଧାତ୍ମିକ ଚିନ୍ତାଧାରା ଓ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସମସ୍ତ ଉପସ୍ଥିତ ସଦସ୍ୟ ଚାପ ମୁକ୍ତ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହ ମାନସିକ ଶାନ୍ତି ପାଇଁ ସାମୁହିକ ଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ନାଏକ ଏହି କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଜିଲ୍ଲା ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆର.ବି.ଏସ୍.କେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୫/୦୫ (ନି.ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆର.ବି.ଏସ୍.କେ ରାଷ୍ଟ୍ରିୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଆର.ବି.ଏସ୍.କେ ର ମ୍ୟାନେଜର, ଡି.ଇ.ଆଇ.ସି ର କର୍ମକର୍ତା, ବ୍ଲକ ସ୍ତରୀୟ ଏମ୍.ଏଚ୍.ଟି ଟିମ୍ ଏବଂ ବ୍ଲକ ଡାଟା ମ୍ୟାନେଜର ପ୍ରମୁଖ ଉପସ୍ଥିତ ରହି ହେଲଥ୍ ଟିମ ଜିଲ୍ଲାର ପ୍ରତ୍ୟେକ ସ୍କୁଲ ଅଙ୍ଗନୱାଡି କେନ୍ଦ୍ର ବୁଲି ହୃଦ୍‌ଘାତ ରୋଗରେ ପିଡିତ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଜଣାଇବା ଏବଂ ଶିଶୁର ଯତ୍ନ ନେବା ବିଷୟରେ ଆଲୋଚନା କରାଯାଇ ଥିଲା ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଆଇନ ସଚେତନତା ଶିବିର

ଜୟପୁର, ୨୫/୦୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୁଲ୍ୟରେ "କଠିନ ବର୍ଜ୍ୟବସ୍ତୁ ପରିଚାଳନା" ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ କଠିନ ବର୍ଜ୍ୟବସ୍ତୁର ପରିଚାଳନା କିପରି କରାଯାଇ ତାହାର ସଦୁପଯୋଗ କରାଯିବ ସେହି ବିଷୟରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ସଚେତନତା କରାଇଥିଲେ । ଏହା ବ୍ୟତୀତ କଠିନ ବ୍ୟର୍ଜ ବସ୍ତୁ ଏବଂ ତରଳ ବର୍ଜ୍ୟବସ୍ତୁକୁ କିପରି ଅଲଗା ରଖି ତାହାର ନିଷ୍କାସନ କରାଯାଇ ପାରିବ ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରୁଥିଲେ । ଏତତବ୍ୟତୀତ କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ବାଧତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ୱ , ପ୍ରାକ ଗର୍ଭଧାରଣ ଓ ପ୍ରାକ ପ୍ରସୂତି ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ ) ଅଧିନିୟମ ଉପରେ ଅବଗତ କରିଥିଲେ । ପାରିବାରିକ ଘରୋଇ ହିଂସା, ଯୌତୁକ ନିର୍ଯ୍ୟାତନା, ଲୀଙ୍ଗ ଚୟନ ଏହିସବୁ କ୍ଷେତ୍ରରେ କିପରି ଜଣେ ମହିଳା ନିଜକୁ ସୁରକ୍ଷା କରିବେ ସେହି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷ ରେ ଆଇନ ସେବା ପ୍ରାଧିକରଣ ର ସଚିବ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଜନମଙ୍ଗଳକକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ସଚେତନତା କରିବା ସଙ୍ଗେ ସଙ୍ଗେ ଆଇନସେବା ପ୍ରାଧିକରଣ ର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନସେବା, ମଧସ୍ଥତା ଓ ଆପୋସ ମିଳାମିଶା ମାଧମରେ ମାମଲା ର ସମାଧାନ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ ବିସ୍ତୃତ ଆଲୋଚନା କରିଥିଲେ । ।

## ଅଜଣା ଗାଡ଼ି ଧକ୍କାରେ ଫାର୍ମାସିଷ୍ଟ ମୃତ

ବଲାଙ୍ଗିର, ୨୫/୦୫ (ନି.ପ୍ର): ବଲାଙ୍ଗିର-ସମ୍ବଲପୁର ରାଜରାସ୍ତାରେ ଗତକାଲି ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ରେ ଜଣେ ଫାର୍ମାସିଷ୍ଟଙ୍କ ମୃତ୍ୟୁ ଘଟିଛି । ଡ୍ୟୁଟି ପାଇଁ ମେଡିକାଲ ଯାଉଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଫାର୍ମାସିଷ୍ଟଙ୍କ ମୃତ୍ୟୁ ହୋଇଛି । ଲୋଇସିଂହା ଥାନା ସୁଜିଆ ଗାଁର ଆନନ୍ଦ ଧରୁଆ ବେଦ୍ରା ପିଏଚ୍‌ସିରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଥିଲେ । ସବୁଦିନ ପରି ଗତକାଲି ଅପରାହ୍ନରେ ସେ ମେଡିକାଲକୁ ଡ୍ୟୁଟି କରିବା ପାଇଁ ବାଇକ୍ ରେ ଯାଉଥିଲେ । ସୂଚନା ଅନୁସାରେ ବଲାଙ୍ଗିର-ସମ୍ବଲପୁର ୨୬ ନମ୍ବର ରାଜପଥର ବୁନ୍ଦେଲବାହାଲିଠାରେ ଏହି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକେ ଏନେଇ ବେଦ୍ରା ମେଡିକାଲକୁ ଖବର ଦେଇଥିଲେ । ଖବର ପାଇ ଅନ୍ୟ ମେଡିକାଲର ଅନ୍ୟ କର୍ମଚାରୀ ମାନେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଲୋଇସିଂହା ହସ୍ପିଟାଲରେ ଭର୍ତ୍ତି କରିଥିଲେ । ମାତ୍ର, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ ।

## ୩୬୦ କେଜି ଗଞ୍ଜେଇ ଜବତ ୫ ଗିରଫ

ମାଲକାନଗିରି, ୨୫/୦୫ (ନି.ପ୍ର): ଉତର ପ୍ରେଦେଶକୁ ଚୋରାରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଟ୍ରକ ସହିତ ୩୬୦ କେଜି ଗଞ୍ଜେଇ ଓ ୧ଲକ୍ଷ୬୦ହଜାର ଟଙ୍କା ଜବତ ହେବା ସହିତ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ମାଲକାନଗିରି ଆଦର୍ଶ ଥାନା ପରିସର ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଚୋରା ଗଞ୍ଜେଇ ଚାଲାଣ ଓ ଅଭିଯୁକ୍ତଙ୍କ ଗିରଫ ସମ୍ପର୍କରେ ଏସଡିପିଓ ସଚିନ ପଟେଲ ସୂଚନା ଦେଇଛନ୍ତି । ମଙ୍ଗଳବାର ମାଲକାନଗିରି ଥାନା ଆଇ ଆଇସି ରିଙ୍ଗନ କିଣ୍ଡୋଙ୍କ ପ୍ରତ୍ୟକ୍ଷ ତତ୍ୱାଧାନରେ ସବ ଇନସିପେକ୍ଟର ପ୍ରସାନ୍ତ କୁମାର ସାବତଙ୍କ ନେତୃତ୍ୱ ରେ ଅନ୍ୟପୁଲିସ କର୍ମଚାରୀଙ୍କ ସହ ଟିଟିବିରୀ ଚକ୍ ନିକଟରେ ପାଟ୍ରୋଲିଂ ଡ୍ୟୁଟି କରୁଥିବାବେଳେ ସେହି ରାସ୍ତା ଦେଇ ଏକ ଟ୍ରକ ଦ୍ରୁତଗତି ରେ ପଳାଉଥିବାର ଦେଖିଥିଲେ । ଟ୍ରକ ପିଛା କରି ପୁଲିସ ଟ୍ରକ ଟିକୁ ଅଟକାଇ ଯାଂଚ କରିବାରୁ ସେଥିରୁ ଜରି ବସ୍ତାରେ ଗଞ୍ଜେଇ ଥିବାର ଦେଖି ୫ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ଥାନାରେ ଗଞ୍ଜେଇ ଗୁଡିକୁ ଓଜନ କରିବାରୁ ୩୬୦ କେଜି ଗଞ୍ଜେଇ ଥିଲା । ଅଭିଯୁକ୍ତଙ୍କ ନିକଟରୁ ନଗଦ ୧ଲକ୍ଷ ୬୦ହଜାର ଟଙ୍କା,୪ଟି ମୋବାଇଲ ଫୋନ,ଟିଭିଏସ ଆପଚି ମଟର ସାଇକେଲ ପୁଲିସ ଜବତ କରିଛି । ଅଭିଯୁକ୍ତ ମାନେ ଏହି ଗଞ୍ଜେଇ ଗୁଡିକୁ ଚିତ୍ରକୋଣ୍ଡା ଅଂଚଳରୁ କ୍ରୟ କରି ଉତର ପ୍ରଦେଶ ଆଗ୍ରାସହରକୁ ଚାଲାଣ କରୁଥିଲେ । ଏ ସମ୍ପର୍କ ରେ ମାଲକାନଗିରି ଥାନାରେ ମାମଲା ରୁଜୁ କରାଯାଇ ଉତର ପ୍ରଦେଶ ଆଗ୍ରାର ଭିକି ସିଂ (୩୬), ମୁକେଶ କୁମାର (୩୨) ଓ ମାଲକାନଗିରି ଥାନା ସ୍ଥ ତାଣ୍ଡାପାଲି ଗ୍ରାମର ଦୁଲା ମାଡକାମି (୨୫),ଅର୍କେଲଗୁଡା ଗ୍ରାମର ଇନ୍ଦ୍ରଜିତ ମାଢ଼ି(୨୫), ମାଢ଼ି ଗୁଡା ଗ୍ରାମର ମାରା ମାଡି (୨୫)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଏହି ଗଞ୍ଜେଇ ଚୋରା ଚାଲାଣ ରେ ଆଉ କିଏ ସମ୍ପୃକ୍ତ ଅଛିକି ନାହିଁ ସେ ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଚଳାଇଛି ବୋଲି ଏସଡିପିଓ ଶ୍ରୀ ପଟେଲ ସୂଚନା ଦେଇଛନ୍ତି ।

## ହସ୍ତତନ୍ତ ଉତ୍ପାଦନ ୪୧୦.୩୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି : ମନ୍ତ୍ରୀ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ବୁଣାକାରଙ୍କ ବାର୍ଷିକ ମୁଣ୍ଡପିଛା ଆୟ ୫୮ ହଜାର ୮୫ ଟଙ୍କା ହୋଇପାରିଛି । ସାମାଜିକ ସୁରକ୍ଷା ଯୋଜନାରେ ୧୪୪୭ ଜଣ ବୁଣାକାର ସାମିଲ ହୋଇଛନ୍ତି । ହସ୍ତତନ୍ତ ଉତ୍ପାଦନ ୪୧୦.୩୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୨୩ରେ ବିଭାଗ ଦ୍ୱାରା ରୂପାନ୍ତରିତ ଦେୟ ବାବଦକୁ ବୁଣାକାରମାନଙ୍କୁ ୧୪୬.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ବୟନିକାର ବାର୍ଷିକ କାରବାର ୧୬୨.୧୪ କୋଟି ଟଙ୍କା ହୋଇଥିବାବେଳେ ସମ୍ବଲପୁରୀ ବସ୍ତ୍ରାଳୟ ୭୧.୨୪ କୋଟି ଟଙ୍କା, ଉତ୍କଳିକା ୧୭.୭୯ କୋଟି ଟଙ୍କା ଓ ଅମ୍ଳାନ ୪.୪୬ କୋଟି ଟଙ୍କା ବାର୍ଷିକ କାରବାର କରିଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ହସ୍ତଶିଳ୍ପର ବାର୍ଷିକ କାରବାର ୧୪୫.୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୯ଟି ହସ୍ତତନ୍ତ ଓ ୩ଟି ହସ୍ତଶିଳ୍ପ ଉତ୍ପାଦ ଜିଆଇ ଟ୍ୟାଗ୍ ପାଇଛନ୍ତି । ଆଉ ୫ଟି ହସ୍ତଶିଳ୍ପକୁ ଜିଆଇ ଟ୍ୟାଗ୍ ମିଳିବା ନିମନ୍ତେ ବିଭାଗ ପକ୍ଷରୁ ଆବେଦନ କରାଯାଇଛି । ୧୮ ହଜାର ୬୧୧ ରେଶମ ଚାଷୀ ସମବାୟ ସମିତିର ସଦସ୍ୟ ଭାବେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଟସର ସିଲକ୍ ଉତ୍ପାଦନ ୧୨୯.୦୯ ମେଟ୍ରିକ୍ ଟନ୍ କୁ ବୃଦ୍ଧି ପାଇଛି । ବିଭାଗର ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ବିଶଦ ସୂଚନା ଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୬୦,୭୭୩ ମହିଳା ବୁଣାକାର ୨୦୫୫ଟି ତନ୍ତକୁ ସ୍ୱତନ୍ତ୍ର ରୂପେ ଉପଯୋଗ କରି ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିଛନ୍ତି । ୬୫୮ଟି ହସ୍ତତନ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଅଧିନରେ ୭୭୩୭ ମହିଳା ବୟନ କାର୍ଯ୍ୟରେ ଅଂଶଗ୍ରହଣ କରିପାରିଛନ୍ତି । ସେହିଭଳି ହସ୍ତଶିଳ୍ପ କ୍ଷେତ୍ରରେ ୮୯,୫୫୬ ମହିଳା ହସ୍ତଶିଳ୍ପୀ ରାଜ୍ୟରେ କାର୍ଯ୍ୟରତ । ୯୩୯ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହସ୍ତଶିଳ୍ପ ପ୍ରସ୍ତୁତ କରି ଆର୍ଥିକ ଦୃଷ୍ଟିରୁ କ୍ଷମତାପନ୍ନ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ୯୦୪୧ ଜଣ ବୁଣାକାର ଲାଭ ପାଇପାରିଛନ୍ତି । ଏହି ଯୋଜନାରେ ୧୧୪୯ ଜଣ ମହିଳା ହିତାଧିକାରୀ ଅଛନ୍ତି । ୬୦ରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ମାସିକ ପେନ୍‌ସନ୍ ପ୍ରଦାନ କରାଯାଇଛି ।ବର୍ଷାଋତୁରେ ବୁଣାକାରମାନଙ୍କୁ ସୁବିଧାରେ ବୁଣାକାର୍ଯ୍ୟ କରିବା ପାଇଁ ଏହା ସାହାଯ୍ୟ କରିଥାଏ । ୩୦ ହଜାର ୭୧ଟି ତନ୍ତଗର୍ତ୍ତ ମଧ୍ୟରୁ ୨୫ ହଜାର ୭୨୪ଟି ଅନ୍ତଗର୍ତ୍ତର ଢଳେଇ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ବାକି କାର୍ଯ୍ୟ ୨୦୨୩-୨୪ରେ ଶେଷ ହେବ । ୨୦୦୦ ମସିହାରୁ ବର୍ତମାନ ପର୍ଯ୍ୟନ୍ତ ୫୭,୭୨୭ କାରିଗରଙ୍କୁ ଦକ୍ଷତା ତାଲିମ ଦିଆଯାଇଛି । ଶିଳ୍ପୀ ଉନ୍ନତି ଯୋଜନାରେ ହସ୍ତଶିଳ୍ପ ୟୁନିଟ୍ ସ୍ଥାପନ ପାଇଁ ବ୍ୟାଙ୍କ ଋଣ ନେବା ପାଇଁ ୨୦% ମାର୍ଜିନ୍ ରାଶି ସହାୟତା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଛି । ୨୦୦୦ ମସିହାଠାରୁ ବର୍ତମାନ ସୁଦ୍ଧା ୧୩,୬୧୮ ହସ୍ତଶିଳ୍ପ କାରିଗର ଏହି ଯୋଜନାରୁ ଲାଭ ଉଠାଇଛନ୍ତି । ହସ୍ତଶିଳ୍ପ କାରିଗରଙ୍କୁ ନିଜସ୍ୱ କର୍ମଶାଳା ତଥା ବାସଗୃହ ନିର୍ମାଣ ପାଇଁ ଅଣଆଇଓପି ଜିଲ୍ଲାରେ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ଆଇଓପି ଜିଲ୍ଲାରେ ୧ ଲକ୍ଷ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୧୦୪୫ ଜଣ ହସ୍ତଶିଳ୍ପୀ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇପାରିଛି । ରାଜ୍ୟର ଟସର ସିଲ୍‌କ ପାର୍କ ମଡେଲକୁ ଜାତୀୟ ସ୍ୱୀକୃତି ମିଳିଛି ।

## ଦେଶୀ ମଦ ଜବତ : ବେପାରୀ ଅଦାଲତ ଚାଲାଣ

କୋରେଇ, ୨୫/୦୫ (ନି.ପ୍ର): ପାଣିକୋଇଲି ପୁଲିସ ଚଢାଉ କରି ଜଣେ ଦେଶୀ ମଦ ବେପାରୀକୁ ମଦ ସହ ଗିରଫ କରି ଅଦାଲତ ଚାଲାଣ କରିଛି । ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି ଖବର ପାଇ ପୁଲିସ ପକ୍ଷରୁ ଚଢାଉ ଜାରି ରହିଛି । ଏହି କ୍ରମରେ ଜହ୍ନା ପଂଚାୟତ ଅନ୍ତର୍ଗତ ନରପଦା ଗ୍ରାମରେ ଦେଶୀ ମଦ ବିକ୍ରିର ଖବର ପାଇ ପୁଲିସ ଚଢାଉ କରିଥିଲା । ନରପଦା ଗ୍ରାମର ବିଷ୍ଣୁ ଦାସଙ୍କ ପୁଅ ଟୁଲୁ ଦାସ (୨୩)କୁ ଧରିବାରୁ ତା ନିକଟରୁ ୨୫ ବୋତଲ ଆସ୍କା ଫର୍ଟି ମିଳିଥିଲା । ମଦ ସହ ତାକୁ ଧରି ଥାନାକୁ ଆଣିଥିଲେ । ଏ ନେଇ ଏକ ମାମଲା ୧୧୩/୨୩ ରୁଜୁ କରାଯିବା ସହ ଦଫା ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି ।

# ନିଜ ପରିଜନଙ୍କ ଶବକୁ ସୁପ ଭାବେ ତିଆରି କରି ପିଇ ଯାଆନ୍ତି ଏହି ଜନଜାତି, ଜାଣନ୍ତୁ କାହିଁକି କରନ୍ତି ଏଭଳି ଅଜବ କାମ



ଦୁନିଆରେ ବିଭିନ୍ନ ପ୍ରକାରର ଲୋକ ବାସ କରନ୍ତି ଏବଂ ପ୍ରତ୍ୟେକ ଅଂଶ ସହିତ ଜଡିତ ସେମାନଙ୍କର ନିଜସ୍ୱ ପରମ୍ପରା ମଧ୍ୟ ରହିଛି। କିନ୍ତୁ ଏଭଳି ଅନେକ ରୀତିନୀତି ରହିଛି ଯାହା ଶୁଣିବା ପରେ ଆମେ ଭୟଭୀତ ହୋଇଥାଉ। ଅନ୍ତିମ ସଂସ୍କାର ସହିତ ଜଡିତ ଏକ ସମାନ ପରମ୍ପରା ଦକ୍ଷିଣ ଆମେରିକୀୟ ଜନଜାତି ୟାନୋମାମୀ ରେ ଦେଖାଯାଏ, ଯାହା ଏତେ ଆଶ୍ଚର୍ଯ୍ୟଜନକ ଯେ ଏହା ଲୋକଙ୍କୁ ଚକିତ କରିଥାଏ କିନ୍ତୁ ଏହି ଲୋକଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ସାଧାରଣ କଥା ଅଟେ । ଜନ୍ମ ଏବଂ ମୃତ୍ୟୁ ସହିତ ଜଡିତ ରୀତିନୀତି ପ୍ରତ୍ୟେକ ସମାଜ ଏବଂ ସମ୍ପ୍ରଦାୟରେ ଭିନ୍ନ । ଯଦିଓ କିଛି ଜିନିଷ ସବୁ ସ୍ଥାନରେ ସମାନ, ଯେପରିକି ଶବକୁ ଶେଷ ଯାତ୍ରାକୁ ସମ୍ମାନ ସହିତ ପଠାଇବା ।ଅନ୍ୟ ପଟେ, ଦକ୍ଷିଣ ଆମେରିକାରେ ମିଳୁଥିବା ୟାନୋମାମୀ ଜନଜାତି ବିଷୟରେ କଥାବାର୍ତ୍ତା କରନ୍ତୁ, ସେମାନେ ଶେଷ ରୀତିନୀତି ସହିତ ଜଡିତ ଏକ ଅଦ୍ଭୁତ ପରମ୍ପରାକୁ ଅନୁସରଣ କରନ୍ତି, ଯେଉଁଥିରେ ମୃତମାନଙ୍କୁ ଜାଳିବା ପରେ ଅବଶିଷ୍ଟ ପାଉଁଶ କୁ ସୁପ ତିଆରି କରି ପିଅନ୍ତି । ୟାନୋମାମୀ ଜନଜାତିର ପ୍ରଥା ଏହାଠାରୁ ଭିନ୍ନ। ସେନେମା ନାମରେ ପରିଚିତ ଏହି ଜନଜାତିରେ ମୃତ ଦେହ ଶେଷ ରୀତିନୀତି ପାଇଁ ପତ୍ର ଏବଂ ଅନ୍ୟାନ୍ୟ ଜିନିଷରେ ଆବୃତ କରନ୍ତି । ୩୦-୪୦ ଦିନ ପରେ ସେମାନେ ତାଙ୍କୁ ଫେରାଇ ଆଣି ଅବଶିଷ୍ଟ ଶରୀରକୁ ଜାଳି ଦିଅନ୍ତି । ଏହି ଲୋକମାନେ ସୁପ୍ ତିଆରି କରନ୍ତି ଏବଂ ଶରୀରକୁ ଜାଳିବା ପରେ ରହିଯାଇଥିବା ପାଉଁଶକୁ ପିଅନ୍ତି। ଏହି ପ୍ରଥାକୁ ପାରମ୍ପାରିକ ଭାବରେ ଏଠାରେ ପାଳନ କରାଯାଇଛି।

ଏହି ପରମ୍ପରାକୁ ମଣ୍ଟରଭୟକ୍ଟମବଭଭସଭବକ୍ଷସସ୍ୱଙ୍କ କୁହାଯାଏ। ଏହି ସମ୍ପ୍ରଦାୟ ବିଶ୍ୱାସ କରେ ଯେ ମୃତ ବ୍ୟକ୍ତିଙ୍କ ଆତ୍ମାଶାନ୍ତି ସେତେବେଳ ମିଳେ ଯେତେବେଳେ ତାଙ୍କ ମୃତ ସମ୍ପର୍କୀୟମାନେ ଖାଇବେ। ସେଥିପାଇଁ ସେମାନେ ଏହାକୁ ଖାଆନ୍ତି। ସେମାନଙ୍କ ଅନୁଯାୟୀ ସେମାନେ ଆତ୍ମାକୁ ଏହିପରି ରକ୍ଷା କରନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି, କେବଳ ମହିଳାମାନେ ତାଙ୍କ ଶରୀରରକୁ ଖାଆନ୍ତି ଏବଂ ସେମାନଙ୍କର ଶେଷ ରୀତି ମଧ୍ୟ ଭିନ୍ନ ଭାବରେ କରାଯାଏ । ୟାନୋମାମୀ ଜନଜାତି ଆମାଜନ ଜଙ୍ଗଲରେ ରୁହନ୍ତି ଏବଂ ଏହାର ପ୍ରାୟ ୨୦୦-୨୫୦ ଗାଁ ଅଛି।



# କାହିଁକି ସ୍କୁଲ ବସ୍‌ର ରଙ୍ଗ ହଳଦିଆ ଜାଣନ୍ତୁ ଏହାପଛରେ ଥିବା ବୈଜ୍ଞାନିକ କାରଣ

ଆପଣ ନିଶ୍ଚିତ ଭାବରେ ରାସ୍ତାରେ ଯାଉଥିବା ଅନେକ ଯାନ ଦେଖିଥିବେ, ଯାହା ବିଭିନ୍ନ ରଙ୍ଗର ହେଇଥିବ , କିନ୍ତୁ ସ୍କୁଲ ବସର ରଙ୍ଗ ସବୁବେଳେ ସମାନ ରହିଥାଏ, ଯାହା ହଳଦିଆ। ଆପଣ କେବେ ଚିନ୍ତା କରିଛନ୍ତି କି ସ୍କୁଲ ବସର ରଙ୍ଗ ହଳଦିଆ କାହିଁକି , ଏହା ନାଲି କିମ୍ବା ନୀଳ ନୁହେଁ ? ଏହା ପଛରେ ଆପଣ କହିପାରିବେ ଯେ ରଙ୍ଗ ଆକର୍ଷଣୀୟ ମନେହୁଏ, ବୋଧହୁଏ ଏହା ପାଇଁ ଏପରି, କିନ୍ତୁ ନା, ଏହି ପ୍ରଶ୍ନର ଉତ୍ତର ବିଜ୍ଞାନ ସହିତ ଜଡିତ ।

'କିପରି ଷ୍ଟଫ୍ ୱାର୍କସ୍' ୱେବସାଇଟ୍ ରିପୋର୍ଟ ଅନୁଯାୟୀ, ସ୍କୁଲ ବସ୍ ହଳଦିଆ ହେବା ଆମେରିକାରୁ ଆରମ୍ଭ ହୋଇଥିଲା। କଲମ୍ବିଆ ୟୁନିଭରସିଟିର ଶିକ୍ଷକ ମହାବିଦ୍ୟାଳୟର ପ୍ରଫେସର ଫ୍ରାଙ୍କ ସାଇର ୧୯୩୦ ଦଶକରେ ଦେଶର ସ୍କୁଲ ପରିବହନ ଯାନ ଉପରେ ଗବେଷଣା ଆରମ୍ଭ କରିଥିଲେ। ସେ ନ୍ୟୁୟର୍କ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ ସେପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନଥିଲା ଯେଉଁଥିରେ ସ୍କୁଲ ଯାନ, ବିଶେଷକରି ବସ୍ ର ଡିଜାଇନ୍ ସ୍ଥିର କରାଯିବା ଉଚିତ୍। ଆମେରିକୀୟ ସ୍କୁଲ ପିଲାମାନଙ୍କ ସୁରକ୍ଷା ପାଇଁ ସେ ଏକ ସ୍ୱତନ୍ତ୍ର ବୈଠକ ଡାକିଥିଲେ, ଯେଉଁଥିରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ଶିକ୍ଷକ, ପରିବହନ ଅଧିକାରୀ, ବସ୍ ଉତ୍ପାଦନକାରୀ ଇତ୍ୟାଦି ଅଂଶଗ୍ରହଣ କରିଥିଲେ।

ମିଳିତ ଭାବେ ସେମାନେ ସ୍ଥିର କଲେ ଯେ ବସର ରଙ୍ଗ କ'ଣ ହେବ। ସେ ସମ୍ମିଳନୀ କକ୍ଷର କାନ୍ଥରେ ରଙ୍ଗ ଲଗାଇ ଲୋକଙ୍କୁ ବାଛିବାକୁ କହିଥିଲେ। ସମସ୍ତେ ଏକାଠି ହଳଦିଆ-କମଳା ରଙ୍ଗ ବାଛିଲେ । ହଳଦିଆ ଏହାର ମୁଖ୍ୟ ରଙ୍ଗ ଥିଲା ଏବଂ ସେହି ଦିନଠାରୁ ହଳଦିଆ ବିଦ୍ୟାଳୟ ବସ୍ ର ପ୍ରାଧାନ୍ୟ ରଙ୍ଗ ହୋଇଗଲା। ସମସ୍ତେ ହଳଦିଆ ରଙ୍ଗ ବାଛିଥିଲେ କାରଣ ଅଧିକାଂଶ ଆଖିରେ ସମାନ ରଙ୍ଗ ଆସୁଥିଲା । ସେବେଠାରୁ ହଳଦିଆ ରଙ୍ଗର ବସ୍ ଅଭ୍ୟାସ ଆରମ୍ଭ ହେଲା କାରଣ ସେମାନେ ଏହି ରଙ୍ଗକୁ ଅଧିକ ସୁରକ୍ଷିତ ଭାବି ଥିଲେ ।

ପରେ, ବୈଜ୍ଞାନିକମାନେ ମଧ୍ୟ ସେମାନଙ୍କର ପସନ୍ଦକୁ ଯଥାର୍ଥ କଲେ କାରଣ ସେମାନଙ୍କ ଅନୁଯାୟୀ ହଳଦିଆ ରଙ୍ଗ ମନୁଷ୍ୟର ଆଖିରେ ସହଜରେ ଦେଖାଯାଏ। ଏହା ଭିଜିବିଲିଟି ସ୍ପେକ୍ଟ୍ରମର ଶୀର୍ଷରେ ଅଛି । ଏହାର କାରଣ ହେଉଛି ମାନବ ଆଖିରେ ଫୋଟୋରିସେପ୍ଟର କୋଷ ଅଛି ଯାହାକୁ କୋନ କୁହାଯାଏ । ଆଖିରେ ତିନି ପ୍ରକାରର କୋନ ଅଛି ଯାହା ଲାଲ, ସବୁଜ ଏବଂ ନୀଳ ରଙ୍ଗକୁ ଚିହ୍ନିବା ପାଇଁ ତିଆରି । ହଳଦିଆ ଆଲୋକ ଏକାସାଙ୍ଗରେ ଉଭୟ ଲାଲ ଏବଂ ସବୁଜ କୋଷକୁ ପ୍ରଭାବିତ କରିଥାଏ, ଯେଉଁ କାରଣରୁ ଏହା ଆଖିରେ ଅଧିକ ଦେଖାଯାଏ । ସେଥିପାଇଁ ସ୍କୁଲ ବସ କୁ ହଳଦିଆ ରଙ୍ଗ କରା ଯାଇଛି ।




# ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ। ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।



# ଡିପ୍ରେସନ ଭଳି ମାନସିକ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ ଛତୁ : ରିସର୍ଚ୍ଚରୁ ଖୁଲାସା



ଯଦି ଆପଣଙ୍କୁ ଛତୁ ପସନ୍ଦ ତେବେ ଖୁସି ହୋଇଯାଆନ୍ତୁ, କାରଣ ଏହା କେବଳ ଶରୀର ପାଇଁ ନୁହେଁ ବରଂ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ। ଏଥିରେ ଏରଗୋଥିଅନାଇନ୍ ନାମକ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଉପାଦାନ ମିଳିଥାଏ, ଯାହା ଡିପ୍ରେସନ ଭଳି ମାନସିକ ସମସ୍ୟାରୁ ମୁକ୍ତି ଦେଇଥାଏ । ଆମେରିକୀୟ ବୈଜ୍ଞାନିକମାନେ ୨୦୦୫ ରୁ ୨୦୧୬ ମଧ୍ୟରେ ୨୪,୦୦୦ ରୁ ଅଧିକ ଆମେରିକୀୟ ବୟସ୍କଙ୍କ ଖାଦ୍ୟ ଏବଂ ମାନସିକ ସ୍ୱାସ୍ଥ୍ୟ ଅଧ୍ୟୟନ କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି ।

ପରୀକ୍ଷା ଅନୁଯାୟୀ, ଛତୁରେ ମିଳିଥିବା ହାଲୁସିନୋଜେନିକ୍ ପଦାର୍ଥ ଆମ ମସ୍ତିଷ୍କକୁ ସ୍ଥାପିତ ଗଉଣ ସୁଇଚ୍ ସହିତ ବଦଳାଇପାରେ। ମନରେ ଏକ ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସୁଇଚ୍ ସକ୍ରିୟ ହୋଇ ମନରେ ଆସୁଥିବା ଖରାପ ଚିନ୍ତାଧାରାର ପ୍ରବାହକୁ ବନ୍ଦ କରିବା କାର୍ଯ୍ୟ ଆରମ୍ଭ କରେ। ଏହି ଅଧ୍ୟୟନ କିଛି ଦିନ ପୂର୍ବରୁ ନେଚର ଚିକିତ୍ସାରେ ପ୍ରକାଶିତ ହୋଇଥିଲା। ଏଥିରେ, କ୍ଲିନିକାଲ୍ ପରୀକ୍ଷଣର ଧାଡ଼ିରେ, ଏହା କୁହାଯାଇଥିଲା ଯେ ଆମକୁ ଡିପ୍ରେସନ୍, ଚିନ୍ତା ଓ ମନୋବୃତ୍ତିର ସମସ୍ୟାରୁ ରକ୍ଷା କରିବା ପାଇଁ କ୍ଟସ୍ୱସକ୍ଷକ୍ଟମଛଭସଭ ଭଳି ସାଇକେଡେଲିକ୍ ପଦାର୍ଥ କିପରି କାମ କରେ। ଏହାର ପ୍ରଭାବ ବୁଝିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ରୋଗୀଙ୍କୁ କ୍ଲିନିକାଲ୍ ପରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ଉଭୟ ସୁସ୍ଥ ଏବଂ ଅସ୍ୱାସ୍ଥ୍ୟକର ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଏହି କ୍ଲିନିକାଲ୍ ଟ୍ରାଏଲରେ, ବିଶେଷଜ୍ଞମାନେ ଦେଖିଲେ ଯେ ଛତୁରେଥିବା ସିଲୋସିବିନ୍ ନେବା ପରେ, ଅଂଶଗ୍ରହଣକାରୀଙ୍କ ମସ୍ତିଷ୍କର ତାର ଅଧିକ ସକ୍ରିୟ ହୋଇଗଲା। ସୁସ୍ଥ ପଦାର୍ଥର ମସ୍ତିଷ୍କ ଏହି ପଦାର୍ଥ ସହିତ ହାଇପରାକ୍ଟିଭ୍ ହୋଇଗଲା। ଯେଉଁମାନେ ଉଦାସୀନତା, ଚିନ୍ତା କିମ୍ବା ମନୋବଳ ପରିବର୍ତ୍ତନରେ ପୀଡିତ ଥିଲେ ସେମାନେ ଆରାମ ପାଇଲେ। ନକାରାତ୍ମକ ଚିନ୍ତାଧାରା କିମ୍ବା ଖରାପ ଚିନ୍ତାଧାରା ହଠାତ୍ ତାଙ୍କ ମନରେ ଅଟକି ଗଲା। ଏହି ଗବେଷଣା କିଛି ପରିମାଣରେ ସତ୍ୟ, କିନ୍ତୁ କେବଳ ଛତୁ ଖାଇ ମାନସିକ ସମସ୍ୟାକୁ ଏଡ଼ାଇବା ସମ୍ଭବ ନୁହେଁ । ଏଗୁଡିକର ସମାଧାନ ପାଇଁ ମାନସିକ ରୋଗ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଏବଂ ଚିକିତ୍ସା ନେବା ମଧ୍ୟ ଆବଶ୍ୟକ ।

# ଗୋଲାପ କାହିଁକି ପ୍ରେମ ଏବଂ ବିଶ୍ୱାସର ସଙ୍କେତ: ଜାଣନ୍ତୁ ସମ୍ପୂର୍ଣ୍ଣ କାହାଣୀ



ଆପଣ କେବେ ଭାବିଛନ୍ତି କି, ଲାଲ୍ ଗୋଲାପ କାହିଁକି ପ୍ରେମର ପ୍ରତୀକ ଭାବରେ ବିବେଚନା କରାଯାଏ ? କିମ୍ବା ଆପଣ ପ୍ରାୟତଃ ଦେଖିଥିବେ ଯେ, ଯେତେବେଳେ କେହି ନିଜ ପ୍ରେମକୁ ପ୍ରକାଶ କରନ୍ତି, ସେ ଗୋଟିଏ ଗୋଲାପ ସହିତ କରନ୍ତି । ସର୍ବଶେଷରେ, ଗୋଲାପ ଏତେ ରୋମାଣ୍ଟିକ ବୋଲି ବିବେଚନା କରାଯିବାର କାରଣ କ'ଣ ? ଏହି ବିଷୟରେ ଜାଣିବା ପାଇଁ ଜଣେ ଡାକ୍ତରଙ୍କୁ ପଚରାଯାଇଥିଲା । ଡାକ୍ତର ରବି ଭଟ୍ଟ କହିଛନ୍ତି ଯେ, ଗୋଲାପ ସବୁବେଳେ ଲୋକଙ୍କୁ ଆକର୍ଷିତ କରିଆସୁଛି। ପ୍ରେମ ବିଷୟରେ କହିବାକୁ ଗଲେ, ଗ୍ରୀକ୍ ପୁରାଣରେ ଏହା ଉଲ୍ଲେଖ କରାଯାଇଛି ଯେ, ଏକଦା ସୌନ୍ଦର୍ଯ୍ୟ, ପ୍ରେମ ଏବଂ ସମ୍ବେଦନଶୀଳତାର ଦେବୀ ଆଫ୍ରୋଡାଇଟ୍ ଗୋଲାପ ବଗିଚାରେ ବୁଲୁଥିଲେ। ଏହି ସମୟରେ କାମଦେବ ତାଙ୍କୁ ଦେଖି ବିସ୍ମିତ ହୋଇଗଲେ । ସେହିଦିନରୁ ଗୋଲାପ ପ୍ରେମର ପ୍ରତୀକ ଭାବରେ ପରିଗଣିତ ହୋଇଥିଲା । ଅନ୍ୟ ଏକ କାହାଣୀ ଏହା ମଧ୍ୟ କହିଛି ଯେ, ଯେତେବେଳେ ଆଫ୍ରୋଡାଇଟ୍ ର ପ୍ରେମିକା ଆଡୋନିସ୍ ଆହତ ହୋଇଥିଲେ, କାମଦେବ ଶୀଘ୍ର ତାଙ୍କ ନିକଟକୁ ପହଞ୍ଚିବା ପାଇଁ ଦୌଡ଼ିଥିଲେ । ଏହି ସମୟରେ ଧଳା ଗୋଲାପର କଣ୍ଟା ଉପରେ ତାଙ୍କର ପାଦ ପଡିଯାଇଥିଲା। ସେଠାରେ ଧଳା ଗୋଲାପ ତାଙ୍କ ପାଦ ରକ୍ତରେ ଲାଲ ହୋଇଯାଇଥିଲା। ସେଥିପାଇଁ ଲାଲ୍ ଗୋଲାପ ଅବିସ୍ମରଣୀୟ ପ୍ରେମର ପ୍ରତୀକ ଭାବରେ ପରିଗଣିତ ହେଲା । ସେବେଠାରୁ ପ୍ରତ୍ୟେକ ପ୍ରେମିକ ଏହି ଦିନ ନିଜ ଗର୍ଲଫ୍ରେଣ୍ଡ କିମ୍ବା ପ୍ରେମିକକୁ ନାଲି ଗୋଲାପ ଦେଇଥାଏ । ଡାକ୍ତର ରବି ଭଟ୍ଟ କହିଛନ୍ତି ଯେ, ରୋମାନ ପୁରାଣରେ ନାଲି ଗୋଲାପ ହୃଦୟର ଲୁକ୍କାୟିତ ଇଚ୍ଛାକୁ ବାହାର କରିବା କିମ୍ବା ପ୍ରକାଶ କରିବାର ପ୍ରତୀକ ଭାବରେ ବିବେଚନା କରାଯାଏ। ଖ୍ରୀଷ୍ଟିଆନ ପୁରାଣରେ, ନାଲି ଗୋଲାପ ମନ ଏବଂ ବିଶ୍ୱାସର ଶୁଦ୍ଧତାର ପ୍ରତୀକ ଭାବରେ ବିବେଚନା କରାଯାଏ। ତାହା ହେଉଛି, ଯଦି ଆପଣ କାହାକୁ ବିଶ୍ୱାସ କରୁଛନ୍ତି ତେବେ ତାଙ୍କୁ ନାଲି ଗୋଲାପ ଦେଇ ପାରିବେ।

# ଶରୀରକୁ ହାଇଡ୍ରେଟ୍ ରଖିବା ସହ ପେଟର ଚର୍ବିକୁ ଲହୁଣୀ ପରି ତରଳାଇଥାଏ କାକୁଡ଼ି



ଗତ ୨ ବର୍ଷ ମଧ୍ୟରେ ଲୋକଙ୍କ ଓଜନ ବହୁତ ବୃଦ୍ଧି ପାଇଛି । କାରଣ କରୋନା ଭାଇରସ୍ ଯୋଗୁଁ ହୋଇଥିବା ଲକଡାଉନରେ ୱାର୍କ ଫ୍ରମ୍ ହୋମ୍ ସେମାନଙ୍କୁ ଘରେ ବନ୍ଦୀ କରି ରଖିଥିଲା । ବର୍ତ୍ତମାନ ଲୋକ ସେମାନଙ୍କର ପେଟର ଚର୍ବିକୁ ହ୍ରାସ କରିବାକୁ ଚାହାଁନ୍ତି । କିନ୍ତୁ ଅଧିକାଂଶଙ୍କର ଜିମ୍ ଯିବାକୁ ସମୟ ନାହିଁ, ତେଣୁ ସେମାନଙ୍କୁ ସେମାନଙ୍କର ଖାଦ୍ୟ ବଦଳାଇବାକୁ ପଡିବ, ତେବେ ଯାଇ ସେମାନେ ଭଲ ରେଜଲ୍ଟ ପାଇପାରିବେ ।

ବଡିକୁ ସେପରେ ଆଣିବା ଏବଂ ଫ୍ଲାଟ ଟମି ପାଇବା କାହା ପାଇଁ ସହଜ ନୁହେଁ । ଏଥିପାଇଁ ଆମର ଦୈନନ୍ଦିନ ଖାଦ୍ୟ ଅଭ୍ୟାସ ବହୁତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣ ପ୍ରତିଦିନ ଗୋଟିଏ ପରିବା ଖାଆନ୍ତି, ତେବେ ଓଜନ ହ୍ରାସ କରିବା ସହଜ ହେବ । ଚାଲନ୍ତୁ ଜାଣିବା ସେହି ପରିବା ବିଷୟରେ । କାକୁଡିକୁ ସାଧାରଣତଃ ସାଲାଡ ଭାବରେ ଖିଆଯାଏ । ଏଥିରେ ପାଣି ଭରପୂର ମାତ୍ରାରେ ରହିଥାଏ, ଯାହା ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ । ଏଥିରେ ଖୁବ୍ କମ୍ କ୍ୟାଲୋରୀ ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । କାଢୁଡି ଖାଇବା ଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକିଲା ଅନୁଭବ ହୁଏ ନାହିଁ । କମ୍ ଖାଇବା ଆମ ଓଜନ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ ଏବଂ ପେଟର ଚର୍ବି କମାଇବା ସହଜ ହୋଇଥାଏ । ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ସମୟରେ କାକୁଡି ସାଲାଡ ପ୍ରସ୍ତୁତ କରି ଖାଆନ୍ତୁ । ଯଦି ଆପଣ ଏହାର ସ୍ୱାଦ ବଢାଇବାକୁ ଚାହାଁନ୍ତି, ତେବେ ଏଥିରେ କାକୁଡି, ଗାଜର, ପିଆଜ, ମୂଳା ଏବଂ ଟମାଟୋ ସହିତ ଲେମ୍ବୁ ରସ ମିଶାନ୍ତୁ । ଏହା ପେଟର ଚର୍ବିକୁ ଲହୁଣୀ ପରି ତରଳାଇବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଧ୍ୟାଦେଶ...

ଅଧ୍ୟାଦେଶଟିଏ ପାରିତ କରାଯାଇଥାଏ ଅତି ଜରୁରୀକାଳୀନ ପରିସ୍ଥିତିରେ ଏକ ସାଧନ ଭାବରେ କୌଣସି ଅବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ନୂଆ ନିୟମଟିଏ ପ୍ରଣୟନ କରିବାକୁ । କିନ୍ତୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସରକାରମାନେ ସେପରି କରୁ ନାହାନ୍ତି । କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ସରକାର ୨୦୨୧ ଏପ୍ରିଲ ସୁଦ୍ଧା ୭୬ଟି ଅଧ୍ୟାଦେଶ ପ୍ରଣୟନ କରି ସାରିଥିଲେ। ସଂସଦୀୟ ଆଲୋଚନାଗୁଡ଼ିକୁ ଏଡ଼ାଇ ଯିବା ପାଇଁ ଏହା ଏକ ସହଜ ବାଟ, ଉଦାହରଣ ସ୍ୱରୂପ, ବର୍ତ୍ତମାନ ପ୍ରତ୍ୟାହୃତ ହୋଇ ଯାଇଥିବା କୃଷି ଆଇନ । ତେବେ ଏଠାରେ ଯେଉଁ ଅଧ୍ୟାଦେଶ କଥା କୁହାଯାଉଛି, ତାହା କରାଯାଇଛି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ଏକ ଆଦେଶକୁ ଅକାମୀ କରିବା ଉଦ୍ଦେଶ୍ୟ ନେଇ । ଏଥିରେ ସନ୍ଦେହ ନାହିଁ ଯେ ସୁପ୍ରିମ୍‌କୋର୍ଟଙ୍କ ରାୟର ପ୍ରଭାବକୁ ସଂସଦୀୟ ଆଇନ ପ୍ରଣୟନ ମାଧ୍ୟମରେ କ୍ଷୁଣ୍ଣ କରିବା ପାଇଁ କେନ୍ଦ୍ର ସରକାର ମୁକ୍ତ, କିନ୍ତୁ ଶୀର୍ଷ ଅଦାଲତର ଏକ ପାଞ୍ଚ- ଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟକୁ ଅର୍ଥହୀନ ସାବ୍ୟସ୍ତ କରିବାର ଉଦ୍ଦେଶ୍ୟ ନେଇ କେନ୍ଦ୍ର ସରକାର ଅଧ୍ୟାଦେଶର ଆଶ୍ରୟ ନେବା ଏକ ଅସ୍ୱାଭାବିକ ଘଟଣା । ଆଉ ଠିକ୍ ଏଇ କଥା ହିଁ ଘଟିଛି ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ମେ' ୧୧ ତାରିଖର ରାୟ ଉପରେ, ଯାହା କୋର୍ଟ ପ୍ରଦାନ କରିଥିଲେ ଦିଲ୍ଲୀ ପରିପ୍ରେକ୍ଷୀରେ ରାଜ୍ୟର ପ୍ରଶାସନିକ ଅଧିକାରୀମାନଙ୍କ ଉପରେ କିଏ କ୍ଷମତାକୁ ପ୍ରୟୋଗ କରି ପାରିବେ, ଅର୍ଥାତ୍ ସେମାନଙ୍କର ବଦଳି, ପୋଷ୍ଟି ଏବଂ ସେମାନଙ୍କ କାର୍ଯ୍ୟକଳାପ ଉପରେ କିଏ ଦୃଷ୍ଟି ରଖି ପାରିବେ– ଯେଉଁମାନେ କି ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ (ୟୁଟି)ର ପ୍ରଶାସନକୁ ଚଳାଉଛନ୍ତି । ଭାରତର ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସୁପ୍ରିମ୍‌କୋର୍ଟର ପାଞ୍ଚ-ଜଣିଆ ଖଣ୍ଡପୀଠ ନିଷ୍ପତ୍ତି ନେଇଥିଲେ ଯେ ଏହି ୟୁଟିରେ ପ୍ରଶାସନିକ ସେବାଗୁଡ଼ିକ ଉପରେ ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ନିୟନ୍ତ୍ରଣ ଦିଲ୍ଲୀର ଉପଯୁକ୍ତ ଭାବରେ ନିର୍ବାଚିତ ହୋଇଥିବା ସରକାରଙ୍କ ହାତରେ ରହିବା ଉଚିତ। କୋର୍ଟଙ୍କର ଏହି ରାୟ ଆଧାର କରିଥିଲା ଦିଲ୍ଲୀର ଜାତୀୟ ରାଜଧାନୀ ସୀମା (ଏନ୍‌ସିଟିଡି) ଆଇନ, ୧୯୯୧ ଉପରେ ଯାହା ଜମିଜମା, ସର୍ବସାଧାରଣରେ ଶୃଙ୍ଖଳା ରକ୍ଷା, ଏବଂ ପୁଲିସ ବ୍ୟତୀତ ୟୁଟି ସରକାରଙ୍କୁ ପ୍ରଶାସନର ସବୁ ବିଭାଗ ଉପରେ ପୂର୍ଣ୍ଣ-ମାତ୍ରାରେ ନିୟନ୍ତ୍ରଣର ଅଧିକାର ପ୍ରଦାନ କରୁଛି । ଉପରୋକ୍ତ ତିନିଗୋଟିଯାକ ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଅଧିକାରର ପରିସରଭୁକ୍ତ । ଅତି ସ୍ୱଷ୍ଟ ଭାଷାରେ ଏହି ରାୟ ଉଲ୍ଲେଖ କରିଛି ଯେ ଏକ ଗଣତାନ୍ତ୍ରିକ ଶୃଙ୍ଖଳାରେ ନିର୍ବାଚିତ ସରକାର ବ୍ୟବସ୍ଥାପିକା ନିକଟରେ ନିଜର ଦାୟିତ୍ୱକୁ ନିର୍ବାହ କରିବାରେ ସକ୍ଷମ ହେବନାହିଁ, ଯାହାକି ଲୋକମାନଙ୍କ ଇଚ୍ଛାର ପ୍ରତିନିଧି କରିଥାଏ, ଯଦି ଏହି ସରକାରଙ୍କ ନିକଟରେ ଯେଉଁମାନେ ପ୍ରଶାସନର ଦାୟିତ୍ୱ ସମ୍ଭାଳୁଛନ୍ତି, ସେମାନଙ୍କୁ ନିୟନ୍ତ୍ରଣ କରିବାର ଅଧିକାର ନ ରୁହେ । କୋର୍ଟଙ୍କର ଏହି ସାମ୍ବିଧାନିକ ଖଣ୍ଡପୀଠ ଏକମତ ହୋଇଥିଲେ ଯେ ଦିଲ୍ଲୀ ସରକାରଙ୍କ ଅଧିକାରର ପରିସର ଭିତରେ ଯେଉଁସବୁ ସେବା ରହିଛି, ସେ ବାବଦରେ ସରକାରଙ୍କ ନିଷ୍ପତ୍ତିକୁ ଦିଲ୍ଲୀର ଲ୍ୟୁଟ୍‌ନାଣ୍ଟ୍ ଗଭର୍ଣ୍ଣର ମାନିବାକୁ ବାଧ ହେବେ । କେନ୍ଦ୍ର ସରକାର କିନ୍ତୁ କୋର୍ଟଙ୍କ ଏହି ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରି ନଥିଲେ । ତାଙ୍କ ପାଇଁ ଏହା ଯୁକ୍ତିଯୁକ୍ତ ମନେ ହୋଇ ନଥିଲା । ଫଳରେ ମେ' ୨୦ ତାରିଖରେ ଏହା କୋର୍ଟଙ୍କୁ ତାଙ୍କର ମେ' ୧୧ ତାରିଖର ରାୟକୁ ପୁନଃ ସମୀକ୍ଷା କରିବା ପାଇଁ ଜଣାଇବାକୁ ଏହାଙ୍କ ଦ୍ୱାରସ୍ଥ ହେଲେ (ସଂଯୋଗବଶତଃ କୋର୍ଟର ସେତେବେଳକୁ ଗ୍ରୀଷ୍ମବକାଶ ହୋଇ ସାରିଥିଲା) । ବର୍ତ୍ତମାନ ସର୍ବୋଚ୍ଚ ଅଦାଲତ ସ୍ଥିର କରିବେ ଯେ ଏହା ନିଜର ସମ୍ମାନ ଏବଂ କର୍ତ୍ତୃତ୍ୱ ପ୍ରତି ନରେନ୍ଦ୍ର ମୋଦୀଙ୍କ ସରକାର ଦେଇଥିବା ଖୋଲାଖୋଲି ଆହ୍ୱାନକୁ କେଉଁ ଦୃଷ୍ଟିରେ ଦେଖୁବେ । କୋର୍ଟଙ୍କୁ ନିଜର ଆଦେଶର ପୁନର୍ବିଚାର କରିବାକୁ କହିବା ଏକ ଅଲଗା କଥା, କିନ୍ତୁ ତାହା ନ କରି ଶୀର୍ଷ କୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠର ଆଦେଶକୁ ଅକାମୀ କରିବାର ଉଦ୍ଦେଶ୍ୟ ନେଇ ଏକ ଅଧ୍ୟାଦେଶ ପାରିତ କରିବା ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ କଥା। ଏହାଦ୍ୱାରା ସର୍ବସାଧାରଣଙ୍କ ମନରେ ଯେଉଁ ଭାବନାଟିଏ ସୃଷ୍ଟି ହୋଇଛି, ତାହା ହେଲା- କେନ୍ଦ୍ର ସରକାର ତାଙ୍କର କାର୍ଯ୍ୟକଳାପଗୁଡ଼ିକ ଉପରେ ଯେ କେହି ବି ହୁଅନ୍ତୁ ନା କାହିଁକି, ଏମିତିକି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ମଧ୍ୟ ଅଙ୍କୁଶ ଲଗାଇବାକୁ ବରଦାସ୍ତ କରିବେ ନାହିଁ । ବିରୋଧାଭାସର କଥା ହେଉଛି, କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି ସେତିକି ବେଳେ, ଯେତେବେଳେ କି ଏହା ସୁପ୍ରିମ୍‌କୋର୍ଟଙ୍କ ବିରୋଧରେ ବାରମ୍ବାର ବିଷୋଦ୍‌ଗାର କରିବା ଭଳି କଥା କହୁଥିବା ଆଇନ ମନ୍ତ୍ରୀଙ୍କ ପଦବୀରେ ପରିବର୍ତ୍ତନ କରି କୋର୍ଟଙ୍କ ସମ୍ମାନ ରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି। ଦିଲ୍ଲୀରେ ଆପ୍ ସରକାର ୨୦୧୫ରେ ନିର୍ବାଚିତ ହେବା ପରଠାରୁ ଏବଂ ଏହାର କିଛି ମାସ ପୂର୍ବରୁ ୨୦୧୪ରେ କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ମୋଦୀ ସରକାରଙ୍କ ମଧ୍ୟରେ ବିବାଦ ମୁଖ୍ୟତଃ ଦିଲ୍ଲୀ ପ୍ରଶାସନକୁ ଚଳାଉଥିବା ଅମଲାତନ୍ତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ କ୍ଷମତାକୁ ନେଇ ଚାଲୁ ରହିଛି, ଯଦିଓ ଏହା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅତିଲୋକପ୍ରିୟତାବାଦୀ ଶୈଳୀର ଶାସନ ଯୋଗୁଁ ସୃଷ୍ଟି ହୋଇଛି । ଆଉ ଏହା ହିଁ ବସ୍ତୁତଃ ମୁଖ୍ୟମନ୍ତ୍ରୀ ଏବଂ ଏହି ୟୁଟିରେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିବା ଏଲଙ୍କ ମଧ୍ୟରେ ବିବାଦର ମୁଖ୍ୟ କାରଣ । ଏବେ ଅପେକ୍ଷା ସୁପ୍ରିମ୍‌କୋର୍ଟଙ୍କ କାର୍ଯ୍ୟକୁ ଏବଂ ସଙ୍ଗେ ସଙ୍ଗେ କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶକୁ ଆଇନରେ ପରିଣତ କରିବାର ବାସ୍ତବତାକୁ।

# ଜଳବାୟୁ ବିପଦର ସଦ୍ୟ ସତର୍କବାଣୀ



ବିପିନ ବିହାରୀ ରାଉତ

ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃ ସରକାରୀ ପ୍ୟାନେଲର ସଦ୍ୟ ରିପୋର୍ଟରେ ଏକ ସତର୍କବାଣୀ ଦିଆଯାଇଛି। ଯାହା ଏ ପର୍ଯ୍ୟନ୍ତ ଆସିଥିବା ବିପଦ ସଙ୍କେତଠାରୁ ଅତି ଅଧିକ ଗୁରୁତର। ସମଗ୍ର ମାନବ ସମାଜ ପ୍ରତି ବାୟୁମଣ୍ଡଳ ସମସ୍ୟାର ସମୁହ ବିପଦକୁ ଆନ୍ତର୍ଜାତିକ ସମ୍ପ୍ରଦାୟ ଏ ପର୍ଯ୍ୟନ୍ତତ ପ୍ରାୟତଃ ଏଡ଼ାଇ ଆସିଛି। ଆଇଟିସିସି ଓ ଅନ୍ୟାନ୍ୟ ଅନେକ ସଂସ୍ଥା ତଥା ବିଶେଷଜ୍ଞମାନେ ଦିନକୁ ଦିନ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ପୃଥିବୀରେ ଜଳବାୟୁରେ ଯେଉଁ ସବୁ ପରିବର୍ତ୍ତନ ଘଟୁଛି ଅଥବା ଘଟିବାର ଆଶଙ୍କା ରହିଛି ସେ ବିଷୟରେ କ୍ରମାଗତ ଭାବେ ସମସ୍ତ ଦିଗ ଉପସ୍ଥାପନ କରିଆସିଛନ୍ତି। କିନ୍ତୁ ଏହି ସମସ୍ୟାର ସମାଧାନ ଲାଗି ଏ ପର୍ଯ୍ୟନ୍ତ ସବୁ ଦେଶ କୌଣସି ଦୃଢ଼ ପଦକ୍ଷେପ ନେଇନାହାନ୍ତି। ଗତ କିଛି ବର୍ଷରେ ଜଳବାୟୁ ପରିବର୍ତ୍ତନ ଏକ କ୍ରମାଗତ ବିତର୍କର ବଷୟ ହୋଇଛି। ଦିନକୁ ଦିନ ପରିଲକ୍ଷିତ ହେଉଥିବା ଏଥିଜନିତ ସମସ୍ୟାଗୁଡ଼ିକ ଚର୍ଚ୍ଚାକୁ ଆସୁଛି। ବିଭିନ୍ନ ସମୟରେ ପରିବେଶ ସମ୍ପର୍କିତ ରିପୋର୍ଟ ଗୁଡ଼ିକ ଭବିଷ୍ୟତ କୁପ୍ରଭାବ ସୂଚାଉଛି। ଏବେକାର ଆଇଟିସିସି ରିପୋର୍ଟ ୬୭ଟି ଦେଶରେ ବୈଜ୍ଞାନିକମାନଙ୍କଠାରୁ ମିଳିଥିବା ମତାମତ ଉପରେ ପର୍ଯ୍ୟବେସିତ। ସେ ସବୁକୁ ଆଧାର କରାଯାଇ ଏହି ମୂଲ୍ୟାୟନ କରାଯାଇଛି। ଏଥିରେ କୁହାଯାଇଛି ଯେ ଆଗାମୀ, ଦୁଇଦଶନ୍ଧି ମଧ୍ୟରେ ବିଶ୍ୱ ଉତ୍ତପ୍ତୀକରଣ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରହିଲେ ବି ପୃଥିବୀରେ ଅନେକ ଜଳବାୟୁ ବିପର୍ଯ୍ୟୟ ଅନୁଭୂତ ହେବ। ତାପମାତ୍ରା ତା ଠାରୁ ବଢ଼ିଲେ ଏପରି କି ସେହି ବୃଦ୍ଧି ସାମୟିକ ହେଲେ ବି ପରିଣାମ ଅତ୍ୟନ୍ତ ଗୁରୁତର ହେବ ଏବଂ ସେ ସବୁରୁ ଅନେକଙ୍କୁ ବଦଳାଯାଇପାରିବ ନାହିଁ। ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରାକୃତିକ ପରିବେଶରେ ଏପରି କେତେ ପରିବର୍ତ୍ତନ ଆଣି ସାରିଛି ଯାହାକୁ ବଦଳାଇ ହେବନାହିଁ। ପୃଥିବୀରେ ଅନେକ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିସାରିଛି।

ଜଳବାୟୁର ସମସ୍ତ ପ୍ରାକୃତିକ ବ୍ୟବସ୍ଥା, ଦୈନନ୍ଦିନ ପାଣିପାଗ ଓ ଅନ୍ୟାନ୍ୟ ଦିଗ କ୍ଷତିକାରକ ଢ଼ଙ୍ଗରେ ଏପଟ ସେପଟ ହେବାକୁ ଯାଉଛି ବୋଲି ପାଣିପାଗ ବିଶେଷଜ୍ଞମାନଙ୍କର ମତ। ତଦ୍ୱାରା ପୃଥିବୀରେ ବହୁ ସଂଖ୍ୟକ ଲୋକ ବଞ୍ଚିବା ଭଳି ପରିସ୍ଥିତିରେ ରହିବେ ନାହିଁ। ଗତ କେଇ ଶତାବ୍ଦୀ ମଧ୍ୟରେ ସମୁଦ୍ର ଜଳସ୍ତର ଯେତିକି ବଢ଼ିଥିଲା ଆଗାମୀ କେତେକ ଦଶନ୍ଧିରେ ତାହା ବେଶୀ ବୃଦ୍ଧି ପାଇବ। ବନ୍ୟା ଓ ତାପ ପ୍ରଭାବ ପରି ପାଣିପାଗର ମାତ୍ରାଧିକ କୁପ୍ରଭାବ ସମଗ୍ର ପୃଥିବୀ ଉପରେ ପଡ଼ିବ। ଅନେକ ଅଞ୍ଚଳରେ ମରୁଡ଼ି ଦେଖାଦେବ। ସମସ୍ତ ପ୍ରତିକ୍ରିୟା ଜୀବନ ଚକ୍ରକୁ ଏପଟସେପଟ କରିଦେବ। ଗରିବ ରାଷ୍ଟ୍ରଗୁଡ଼ିକ ସହ ସେ ସବୁ ଦେଶର ଦୁର୍ବଳ ଶ୍ରେଣୀ ଏଥିରେ ବେଶି କ୍ଷତିଗ୍ରସ୍ତ ହେବେ। ଦକ୍ଷିଣ ଏସିଆ ଓ ଭାରତ ଉପରେ ପାଣିପାଗ ପରିବର୍ତ୍ତନର ଅଧିକ କୁପ୍ରଭାବ ଦେଖାଦେବ। ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଆର୍ଦ୍ର ଭଲବ ତାପମାତ୍ରା ଦେଖାଦେବ, ଯାହା ତାପ ଓ ଆର୍ଦ୍ରତାର ଏକ ମାପକ। ଏହା ଅସହ୍ୟ ୩୫ ଡିଗ୍ରୀ ସେଲସିୟସ ତାପମାତ୍ରାରେ ପହଞ୍ଚିପାରେ। ଆଉ ଏକ ବିପଦଜନକ ଭବିଷ୍ୟତବାଣୀ ହେଲା ମୁମ୍ବାଇ, କୋଲକାତା ଓ ଚେନ୍ନାଇ ପରି ବୃହତ ସହରଗୁଡ଼ିକ ଲାଗି ସେସବୁ ସମୁଦ୍ର କୂଳ ସହର, ସମୁଦ୍ର ପତ୍ତନ ବୃଦ୍ଧିରେ ସ୍ଥଳଭାଗକୁ ସମୁଦ୍ର ଜଳ ପ୍ରବେଶ କରି ସେ ସବୁ ସହର ଅନ୍ୟ ଜନବସତି ଗୁଡ଼ିକ କ୍ଷତିଗ୍ରସ୍ତ ହେବ। ଭାରତରେ ଉପକୂଳ ବନ୍ୟା ଯୋଗୁଁ ଆଗାମୀ ଦୁଇଦଶନ୍ଧିରେ ସାଢ଼େ ୩ କୋଟି ଲୋକ ଓ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ୫ କୋଟି ଲୋକ ବିପଦଗ୍ରସ୍ତ ହେବେ। ପ୍ରକୃତରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମସ୍ତ ଭୌଗୋଳିକ ଚିତ୍ର ଏବଂ ଏଯାଏଁ ପ୍ରକୃତି ଯାହା ସବୁ ଦେଇଛି ସେ ସବୁ ପ୍ରଭାବିତ ହେବାକୁ ଯାଉଛି। ପାହାଡ଼ ପର୍ବତମାଳା, ନଦୀ ଓ ସମତଳ ଅଞ୍ଚଳ ପରି ପ୍ରାକୃତିକ କ୍ଷେତ୍ର ସବୁଠାରୁ ଆରମ୍ଭ କରି କୃଷି, ମତ୍ସ୍ୟ ଓ ଶିଳ୍ପ ଯାଏ ସବୁ ଉଦ୍ୟୋଗ ଏହି ସମସ୍ୟାର ଶିକାର ହେବେ। ତାହା ଜୀବଜଗତ ପାଇଁ କି ବିପଦ ଆଣିଦେବ ସହଜରେ ଅନୁମେୟ। ମଣିଷର ଚଳଣୀ ଆଧୁନିକତାର ଅଗ୍ରଗତି ସହ ବଦଳୁଛି। ତାପମାତ୍ରା ବୃଦ୍ଧି ଯୋଗୁଁ ଓ ଆର୍ଥିକ ପ୍ରଗତି କାରଣରୁ ମଣିଷ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ବୈଷୟିକ ପଦ୍ଧତିରେ ମୁକାବିଲା କରିବାକୁ ଚେଷ୍ଟା କରୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ ପରି ଦେଶରେ ସହରାଞ୍ଚଳ ଗୁଡ଼ିକରେ ଏୟାରକଣ୍ଡିସନର ବ୍ୟବହାର ଏକ ସାଧାରଣ ବିଷୟ ହୋଇଗଲାଣି। ତିନି ଦଶନ୍ଧି ତଳେ ଗଣମାଧ୍ୟମ ଠାରୁ ଆରମ୍ଭ କରି ସାଧାରଣ ଆଲୋଚନାରେ ବିଳାସର ଅଂଶଭାବେ ଶୀତତାପ ନିୟନ୍ତ୍ରିତ କୋଠରୀରେ ରହିବା କୁହାଯାଉଥିଲା। କିନ୍ତୁ ସେ ସ୍ଥିତି ଆଉନାହିଁ କିନ୍ତୁ ଏୟାରକଣ୍ଡିସନର ବ୍ୟବହାର ଯୋଗୁଁ ବାହାରର ତାପମାତ୍ରା ବଢୁଛି। ମଣିଷର ଚଳଣି ଜନିତ ଅନେକ ବିଷୟ ବିଶ୍ୱ ଉତ୍ତପ୍ତୀକରଣକୁ ବଢ଼ାଉଛି। ପେଟ୍ରୋଲ, ଡିଜେଲ ଚାଳିତ ଯାନବାହାନ ବ୍ୟବହାରଠାରୁ ଆରମ୍ଭ କରି ବିଦ୍ୟୁତ ଉତ୍ପାଦନ ସକାଶେ କୋଇଲାର ଉପଯୋଗ ଏହି ସମସ୍ୟାକୁ ଅଧିକ ଉତ୍କଟ କରିଛି। ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଲାଗି ବିଶ୍ୱ ସମ୍ପ୍ରଦାୟ ଅନେକ ମିଳିତ କୌଶଳର ଆଲୋଚନା କରିଛନ୍ତି। ସେ ସମ୍ପର୍କରେ ଅନେକ ରାଜିନାମା ବି ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଆଇଟିସିସି ରିପୋର୍ଟରେ କୁହାଯାଇଛି ଯେ, ୨୦୨୧ ନଭେମ୍ବରରେ ଗ୍ଲାସିଗୋରେ ହୋଇଥିବା ଜଳବାୟୁ ସମ୍ମିଳନୀରେ ଯେଉଁ ସବୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାର ମିଆଦ ଏତେ ବଢ଼ାଇ ଦିଆଯାଇଛି ଯେ, ସେସବୁରୁ ହଠାତ୍ ଉପକାର ମିଳିବା କଷ୍ଟକର। ଜଳବାୟୁ ପରିବର୍ତ୍ତନ ଏବେକାର ସମସ୍ୟା ଓ ତୁରନ୍ତ ତାର ମୁକାବିଲା କରିବାକୁ ହେବ। ଗତ ଦୁଇବର୍ଷ ଧରି କରୋନା ମହାମାରୀ ବିରୋଧରେ ଯେପରି ବିଶ୍ୱକୁ ଲଢ଼ିବାକୁ ପଡ଼ିଲା ସେହିପରି ବାୟୁମଣ୍ଡଳ ଉତ୍ତପ୍ତୀକରଣ ବିପଦକୁ ମିଳିତ ଭାବେ ସମସ୍ତଙ୍କୁ ଅଟକାଇବାକୁ ପଡ଼ିବ। ଧନୀ ଦେଶଗୁଡ଼ିକ ଏ କ୍ଷେତ୍ରରେ ନିଜର ଦାୟିତ୍ୱକୁ ତୁରନ୍ତ ଗ୍ରହଣ କରି ସହାୟକ ପଦକ୍ଷେପ ନେବା ଦରକାର। କାରଣ ସେମାନଙ୍କ ଯୋଗୁଁ ଜଳବାୟୁ ମୁକାବିଲା ପଦକ୍ଷେପ ବିଳମ୍ବିତ ହୋଇଯାଉଛି। ଆଇଟିସିସିର ସତର୍କବାଣୀକୁ ସେମାନେ ଓ ସମଗ୍ର ବିଶ୍ୱ ତୁରନ୍ତ ଗୁରୁତ୍ୱ ନ ଦେଲେ ସମସ୍ତେ ବିପଦଗ୍ରସ୍ତ ହେବେ।

ଶ୍ରୀବିହାର କଲୋନୀ, କଟକ,
ମୋ : ୯୪୩୭୬୬୬୪୫୩

# ନୋଟ ଅଚଳ



ସୌଭାଗ୍ୟ ରଂଜନ ମହାନ୍ତି




୨୦୧୬ ବହୁଚର୍ଚ୍ଚିତ ବିମୁଦ୍ରିକରଣ ପରେ ପ୍ରଚଳିତ ୨୦୦୦ ଟଙ୍କିଆ ନୋଟକୁ ପ୍ରତ୍ୟାହାର କରିନେବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନିଷ୍ପତି ଗ୍ରହଣ କରିଛି। ଆସନ୍ତା ସେପ୍ଟେମ୍ବର ମାସ ୩୦ତାରିଖ ସୁଦ୍ଧା ଦେଶରେ ସବୁଠୁ ବଡ ନୋଟ ଭାବେ ପରିଚିତ ଏହି ୨୦୦୦ଟଙ୍କିଆ ନୋଟ ପ୍ରତ୍ୟାହାର ପାଇଁ ଆରବିଆଇ ଅନ୍ତିମ ଦିବସ ଦାର୍ଯ୍ୟ କରିଥିବାବେଳେ ଆଜିଠାରୁ ନୋଟ ପ୍ରତ୍ୟାହାର କାର୍ଯ୍ୟ ଆରମ୍ଭ ହୋଇଛି। ଦେଶର ସମସ୍ତ ବ୍ୟାଙ୍କରେ ଦୁଇ ହଜାର ଟଙ୍କିଆ ନୋଟକୁ ବଦଳାଯାଇପାରିବ। ଏଥିପାଇଁ କୌଣସି ପରିଚୟ ପତ୍ରର ଆବଶ୍ୟକତା ନାହିଁ। ତେବେ ଗୋଟିଏ ଥରରେ ସର୍ବୋଚ୍ଚ ୨୦ହଜାର ଟଙ୍କା ବଦଳାଯାଇପାରିବ ବୋଲି ଆରବିଆଇ ଧାର୍ଯ୍ୟ କରିଥିବାବେଳେ ଜଣେ ବ୍ୟକ୍ତି ଦୈନିକ ବହୁଥର ଟଙ୍କା ବଦଳାଇପାରିବ। ଆହୁରି ମଧ୍ୟ ବ୍ୟବସାୟ ପ୍ରତିଷ୍ଠାନ ୨୦୦୦ଟଙ୍କିଆ ନୋଟକୁ ଗ୍ରହଣ କରିବାକୁ ବାଧ ବୋଲି ଆରବିଆଇର ଗଭର୍ଣ୍ଣର ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଟଙ୍କା ଅଚଳ ହୋଇନାହିଁ। ଅତଏବ ଆରବିଆଇର ୨୦୦୦ ଟଙ୍କିଆ ନୋଟର ପ୍ରତ୍ୟାହାର ନିଷ୍ପତିରେ ଆତଙ୍କିତ ହେବାର କୌଣସି ଯଥାର୍ଥତା ନାହିଁ। କିନ୍ତୁ କହିବା ବାହୁଲ୍ୟ ଯେ, ବିମୁଦ୍ରିକରଣ ପରେ ଯେତେବେଳେ ନୂଆ ୨୦୦୦ଟଙ୍କିଆ ନୋଟ ବଜାରକୁ ଆସିଥିଲା, ସେତେବେଳେ ଏହାକୁ ଖୁଚୁରାରେ ପରିଣତ କରିବା ଜଣେ ଗରିବ, ଦିନ ମଜୁରିଆ ପାଇଁ ବିମୁଦ୍ରିକରଣର ଯନ୍ତ୍ରଣାଠାରୁ ଆହୁରି ବଳି ପଡିଥିଲା, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। କେବଳ ଏତିକି ନୁହେଁ, ବିମୁଦ୍ରିକରଣର ମୂଳ ଲକ୍ଷ୍ୟ ଥିଲା, ଦେଶରେ କଳାଧନକୁ ଠାବ କରିବା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୬ ନଭେମ୍ବର ୭ ତାରିଖ ସନ୍ଧ୍ୟାରେ ଅଚାନକ ଘୋଷଣା କରିଥିବା ବିମୁଦ୍ରିକରଣ ଯେଉଁ ଲକ୍ଷ୍ୟ ନେଇ କରିଥିଲେ ତାହା ଯେ, ସମ୍ପୂର୍ଣ୍ଣ ବିଫଳ ପଦକ୍ଷେପ ଥିଲା, ଯେତେବେଳେ ଅଚଳ ହୋଇଥିବା ସମସ୍ତ ୫୦୦ ଓ ୧୦୦୦ଟଙ୍କିଆ ନୋଟ ପୁଣି ବ୍ୟାଙ୍କକୁ ଫେରୀ ଆସିଥିଲା। ଏହି ବିମୁଦ୍ରିକରଣ ଦ୍ୱାରା କେତ କଳାଧନ ଦେଶରେ ଠାବ ହୋଇଛି, ତାହା କେନ୍ଦ୍ର ସରକାର କିମ୍ବା ଆରବିଆଇ ବର୍ତମାନ ସୁଦ୍ଧା ସ୍ୱଷ୍ଟ କରି ପାରିନାହିଁ। ବରଂ ଅନ୍ୟପକ୍ଷରେ ଦେଶରେ ନୂଆ ନୋଟ ଛାପିବାରେ ରାଜକୋଷରୁ ୮୦୦୦ କୋଟିରୁ ଅଧିକ ବ୍ୟୟ ହୋଇଥିଲା। ସେହିପରି ବିମୁଦ୍ରିକରଣ ପ୍ରଭାବରେ ହଜାର ହଜାର କ୍ଷୁଦ୍ର ମଧ୍ୟମ ଶିଳ୍ପ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ହଜାର ହଜାର ଶ୍ରମିକ ଜୀବିକା ହରାଇଥିଲେ। ନୂଆ ନୋଟ ଜାଲ ନୋଟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ଏବଂ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବନ୍ଦ କରିବାରେ ସହାୟକ ହେବା ନେଇ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆଶ୍ୱାସନା ବାଣୀ ଶୁଣାଇଥିବାବେଳେ ବାସ୍ତବ କ୍ଷେତ୍ରରେ ଗତ ୭ବର୍ଷ ଭିତରେ ଦେଶରେ ଜାଲ ନୋଟ ଜବତ ହୋଇଛି। ଗତ ୬ ଦଶନ୍ଧି ମଧ୍ୟରେ ସେତିକି ଜାଲ ନୋଟ ଜବତ ହୋଇନଥିଲା। ଜାମ୍ମୁ-କାଶ୍ମୀରରେ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ଏତେ ବଢିଥିଲା ଯେ, ଯାହା ଉଭୟ ସରକାର ଓ ସୁରକ୍ଷା ବାହିନୀର ଚିନ୍ତା ହଜାଇ ଦେଇଥିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉଚ୍ଚମୂଲ୍ୟର ବଡ ନୋଟ କଳାଧନ ଠୁଳ କରିବାରେ ମୂଳ ଉତ୍ସ ଥିବାବେଳେ ସରକାର ୨ହଜାର ଟଙ୍କିଆ ନୋଟ କାହିଁକି ଛାପିଥିଲେ, ତାହା ବୁଝାପଡୁନାହିଁ। ଆରବିଆଇ ଦେଇଥିବା ସୂଚନା ଅନୁସାରେ ଦେଶରେ ଅନ୍ୟ ମୂଲ୍ୟର ନୋଟ ଯଥେଷ୍ଟ ପରିମାଣର ଛପାଯାଇଥିବାରୁ ଦେଶରେ ଆଉ ୨୦୦୦ଟଙ୍କିଆ ନୋଟର ପ୍ରଚଳନ ଆବଶ୍ୟକ ନାହିଁ। ୨୦୧୮-୧୯ ଠାରୁ ଏହାର ଛପା ବନ୍ଦ କରାଯାଇଥିବା ବେଳେ ୨୦୧୭ ମାର୍ଚ୍ଚ ସୁଦ୍ଧା ୮୯% ନୋଟ ପ୍ରସାରଣ କରାଯାଇଥିଲା। ବ୍ୟାଙ୍କକୁ ଫେରୁଥିବା ନୋଟର ପ୍ରସାରଣ ବନ୍ଦ କରାଯାଇଥିବା ବେଳେ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଦେଶରେ ମୋଟ ୬.୭୩ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ ପ୍ରଚଳନ ଥିବାବେଳେ ଗତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ତାହା ୩.୬୨ ଲକ୍ଷ କୋଟିକୁ ହ୍ରାସ ପାଇଛି। ଅତଏବ ଦେଶରେ ଏବେ ୩.୬୨ ଲକ୍ଷ କୋଟି ଟଙ୍କା ରହିଛି। ଯାହାକି ଦେଶରେ ପ୍ରଚଳିତ ମୋଟ ମୁଦ୍ରା ମୂଲ୍ୟର ୧୦.୮ ପ୍ରତିଶତ। ଆରବିଆଇ ପକ୍ଷରୁ ଆହୁରି କୁହାଯାଇଛି ଯେ, କାଗଜ ନୋଟଗୁଡିକର ଆୟୁଷ ଚାରିରୁ ପାଂଚ ବର୍ଷ ପର୍ଯ୍ୟନ୍ତ ହୋଇଥିବାରୁ ୨୦୧୭ ପୂର୍ବରୁ ଛାପା ହୋଇଥିବା ନୋଟ ଏହି ନ୍ୟାୟାରେ ପ୍ରତ୍ୟାହାର ହେଉଥିବା ଆରବଆଇ ପକ୍ଷରୁ ଯେଉଁ ସଫେଇ ଦିଆଯାଇଛି, ତାହା ଗ୍ରହଣୀୟ ନୁହେଁ। ଏବେ ବି ୧୦ବର୍ଷର ପୁରୁଣା ନୋଟ ଚାଲିଛି। କହିବା ବାହୁଲ୍ୟ ଯେ, ସେପ୍ଟେମ୍ବର ୩୦ପରେ ୨୦୦୦ ଟଙ୍କିଆ ନୋଟ ଆଉ ଚାଲିବ ନାହିଁ। ତେଣୁ ବସ୍ତୁତ ଏହା ଅଚଳ ବୋଲି କହିଲେ ଭୁଲ ହୋଇନପାରେ। ୨୦୦୦ଟଙ୍କିଆ ନୋଟ ପ୍ରତ୍ୟାହାର ସତ୍ୱେ ଦେଶରେ ଆଉ ବହୁ ନୋଟ ଅର୍ଥାତ୍ ୧ହଜାର ଟଙ୍କିଆ ନୋଟ ମଧ୍ୟ ପ୍ରଚଳନ ହେବ ନାହିଁ ବୋଲି ଆରବିଆଇ ଗଭର୍ଣ୍ଣର କହିଛନ୍ତି। ଦେଶରେ ଏବେ ଡିଜିଟାଲ ନେଣଦେଣ କାରବାର ମୁଦ୍ରା ବ୍ୟବହାର ବଢିଥିବାରୁ କାଗଜ ନୋଟର ବ୍ୟବହାର ମଧ୍ୟ କମିବାରେ ଲାଗିଛି। ଏପରି ସ୍ଥିତିରେ ଦେଶରେ ଏଣିକି ଆଉ ବଡ ନୋଟର ବ୍ୟବହାରର ଆବଶ୍ୟକତା ପଡିନପାରେ। କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ, ଦେଶରେ ଏବେ ବି କୋଟି କୋଟି ଅଛନ୍ତି, ଯେଉଁମାନେ କି ମୋବାଇଲ ସେବାଠାରୁ ବହୁ ଦୂରରେ। ଉଲ୍ଲେଖଯୋଗ୍ୟ ଯେ, ପ୍ରଚଳନର ମାତ୍ର ୭ବର୍ଷ ମଧ୍ୟରେ ସରକାର ୨୦୦୦ଟଙ୍କିଆ ନୋଟ ପ୍ରତ୍ୟାହାର କରିନେବା ଆଉ ଏକ ବିମୁଦ୍ରାକରଣ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଆସନ୍ତା ବର୍ଷ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୦୦ଟଙ୍କିଆ ନୋଟ ପ୍ରତ୍ୟାହାର ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ବହୁ ବିରୋଧୀ ଦଳ ସମାଲୋଚନା କରିବା ସ୍ୱଭାବିକ। ବିରୋଧିଦଳଙ୍କୁ ଅଡୁଆରେ ପକାଇବା ପାଇଁ ଏହା ଏକ ପଦକ୍ଷେପ ବୋଲି କୁହାଯାଇପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯




## ଫରକ

ଦିବାକର ନାୟକ



ଗୋଟିଏ ଜାଗାର ସବୁ ମାଟି ଗୁଣ
ହୁଏ ନାହିଁ ଏକା ଭଳି
ଗୋଟିଏ ଦେହର କିଛି ଜାଗା ଥାଏ
ତନୁ ମନ ଦିଏ ଜାଳି ।

ଗୋଟେ କବିତାର କେଇ ପଦ ପରା
କବିକୁ ଅମର କରେ
ଗୋଟିଏ ହାତ ବି ବନ୍ଧୁତାର ହୁଏ
ବନ୍ଧୁକ ବି କେବେ ଧରେ

ପବନ ବି କେବେ ଶୀତଳତା ଦିଏ
କେବେ ଥାଏ ଝଡ଼ ତୋଳି..
ଗୋଟିଏ ଦେହର କିଛି ଜାଗା ଥାଏ
ତନୁ ମନ ଦିଏ ଜାଳି ।

ବିଶ୍ୱାସରେ କେବେ ଭଗବାନ ଥାଏ
କେବେ ଥାଏ ଘାତକତା
କା ଆଖି ମାଦକ ହୃଦୟ ଚୋରାଏ
କେବେ ରଚେ ବିଭୀଷିକା

ସବୁଠାରେ ସବୁ ସମାନ ନ ଥାଏ
ବାହାରୁ ହୁଏନା କଳି..
ଗୋଟିଏ ଦେହର କିଛି ଜାଗା ଥାଏ
ତନୁ ମନ ଦିଏ ଜାଳ ।

ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧

## ପ୍ରିୟତମା

ପ୍ରଭାତ କୁମାର ନାୟକ



ତୁମେ ମୋ ମନର ସୁଗନ୍ଧ କସ୍ତୁରୀ
ଜୋଛନାରେ ଭରା ପୁନେଇ ଚାନ୍ଦ,
ହୃଦୟ ବୀଣାର ତୁମେ ଗୋ ସଜନୀ
ଅମୀୟ ପୀୟୂଷ ଲଳିତ ଛନ୍ଦ ।

ହୃଦ ସରସୀରେ ତୁମେଗୋ ପ୍ରିୟସୀ
ରଙ୍ଗିଳ ସ୍ଫୁରିତ କୋମଳ କଇଁ,
ମନ କାନନରେ ସଦ୍ୟ ପ୍ରସ୍ଫୁଟିତ
ମଲ୍ଲୀକା ମାଳତୀ କାମିନୀ ଯୁଇ ।

ତୁମେ ମୋ ହୃଦୟ ଅଥଳ ଅର୍ଣ୍ଣବେ
ନର୍ତ୍ତନ ବିଭୋରା ସୁନୀଳ ଉର୍ମି,
ମନ ତରଣିକୁ ତୁମେଗୋ ମାନସୀ
ଶୀତଳ ପରଶେ ଯାଉଛ ଚୁମି ।

ମୋ ବେନି ନୟନେ ନିଶୀଥ ଲଗନେ
ସପନେ ଗୋପନେ ନିଇତି ଆସ,
ପୀରତି ପୀୟୂଷ ପିଆଲାରେ ଭରି
ଅଳସୀ ଷୋଡଶୀ ମୋପାଖେ ବସ ।

ତନୁରେ ମନରେ ଖେଳାଇ ପୀରତି
ଦୂରକୁ ଦୂରକୁ ଯାଅଗୋ ଚାଲି,
ଛାତି ତଳେ ଜାଳି ଅନେକ ଦହନ
କହିଯାଅ କାଲି ଆସିବ ବୋଲି ।

ଚେନ୍ନାଇ, ତାମିଲନାଡୁ
ମୋ - ୮୧୨୨୮୦୩୨୪୬

## ଉତେଇ ଐତିହ୍ୟ ଗାଥା

ଚନ୍ଦ୍ରହାସ୍ୟ ସତନାମି



ଉତ୍କଳ ଗଙ୍ଗାଟି ଉତେଇ ନାମରେ
ହୁଏ ସଦା ପ୍ରବାହିତ
କାରୁଣ୍ୟ ମଣ୍ଡଳ କିର୍ତ୍ତୀ ଅଛି ରହି
ପେଞ୍ଜୋରାଣୀ ନାମେ ଖ୍ୟାତ ।
ଗୁମାଗଡ଼ଠାରୁ ଆରମ୍ଭ ହୋଇଲା
ଉତେଇ ନଦୀର ଶିଖା
କୁସୁମଦେଇ ଶୃଙ୍ଗରୁ ଝରିକି
ପାଦତଳେ ଦିଏ ଦେଖା ।

ହସ୍ତୀପାଦ ଚିହ୍ନେ ଶିଳାରେ ବର୍ଣ୍ଣିତ
ଅଜୟ ଅମର କିର୍ତ୍ତୀ
ଉତେଇ ଐତିହ୍ୟ ନଦୀକୁ ଦର୍ଶିଲେ
ନେତ୍ର ମୋ ହୁଅନ୍ତା ତୃପ୍ତି ।

ପାହାଡ ପର୍ବତ ବକ୍ଷରୁ କ୍ଷରିତ
ଦେଇ ପଥ କଳାହାଣ୍ଡି
ଯୁଗଳ ନଦୀର ହୋଇଲା ମିଳନ
ସ୍ଥାନ ହେଲା ବେଲଖଣ୍ଡି ।
ମହାକାନ୍ତରର କିମ୍ବଦନ୍ତୀ ଏହି
ଗଙ୍ଗ ବଂଶୀୟଜ ଗାଥା
ରାମପୁର ରାଜ୍ୟେ ରାଜତ୍ୱ କରିଲେ
ହସ୍ତେ ତାଙ୍କ ଶାସନତା ।

+୩ କଳାଛାତ୍ର ପଞ୍ଚାୟତ ସମିତି
ଡ଼ିଗ୍ରୀ ମହାବିଦ୍ୟାଳୟ, କୋକସରା,
କଳାହାଣ୍ଡି
ମୋ-୮୨୪୯୮୪୨୬୪୮

## ବାପାଙ୍କର ଗେହ୍ଲା ପୁଅ...

ତ୍ରିନାଥ ମହାରଣା



ବାପାଙ୍କର ଥିଲି ପରା
ମୁଁ ଗେଲ୍‌ହା ପୁଅ,
ମୋ ପାଇଁ କି ତାଙ୍କ ଆଖିରୁ
ଝରେ ନୀତି ଲୁହ ।
ଅଝଟିଆ ଥିଲି ବୋଲି
ଶହେ ନାହିଁ କୋହ,
ଗପ ଆଉ କାହାଣୀରେ
କହେ ଯିଏ ସୋ ।
ଅସୁମାରୀ ଆଶା ତାଙ୍କ
ଅନାବିଡ ସ୍ନେହ,
ବାପାଙ୍କର ଥିଲି ପରା
ମୁଁ ଗେଲ୍‌ହା ପୁଅ ।
ଅଳିକରି ମାଗି ଦେଲେ
ସବୁ ପୁରା ହେଉଯାଏ,
ରୁଷି ଗଲେ ନୀତି ପରା
ମୋତେ ବୁଝା ହୁଏ ।
ଆଦର୍ଶ ଆଉ ଆତ୍ମା ନିର୍ଭର
ଶିଳପାଇଁ ଯିଏ ନୀତି କହେ,
ସବୁ ଖୁସି ଆଣି ଦେବାପାଇଁ
ଯିଏଦୁଃଖେ ରହେ ।
ଆମେ ଆଜି ସୁଖେ ରହୁ
ତାଙ୍କ ଆଖିଲୁହ ବହେ,
ଆଉ ପରିଣତ ବୟସରେ
ବିତାଡିତ ହୁଏ ।
ଏ ସମାଜ କୁ ଏତିକି ଅଳି
ସେମିତି କେହି ଯେ ନହୁଅ,
ବାପାଙ୍କର ଥିଲିପରା
ମୁଁ ଗେଲ୍‌ହା ପୁଅ ।
ସଅଳ ଉଠିଣ ଯିଏ
ମୋତେ ନିଦରୁ ଉଠନ୍ତି,
ନିଦ ନ ଭାଁଗୁଣୁ ମୋତେ
ଦାନ୍ତ ଯେ ଘାସାନ୍ତି ।
ନିଦ ବିଳି ବିଳି ହେଇ ମୁଁ
ଗାଳି ଯେବେକରେ,
ଗେଲ୍‌ହା ଗେଲ୍‌ହା କଣ୍ଠସ୍ୱରେ
ଶୁଭେ ଧନ ଉଠି ତୁ ଯାଆରେ ।
ଖାଦ୍ୟରେ ଭଲ କିଛି ଆସେ
ଅଲଗା ହେଇକି ମୋ ପାଇଁ ପଶେ,
ମା କୁ ଆକଟ ହୁଏ ମୋ
ପୁଅ ପାଇଁ କି ଥୁଅ ।
ଆଜି ସେ ସମୟ ବଦଳି ଯାଇଛି
ହେ ଯୁବକ ସମାଜ ପଛକୁ ଟିକେ
ଚାହଁ,
ଆଜି ବି ମୁଁ ଗର୍ବରେ କହେ ବାପାଙ୍କର
ମୁଁ ପରା ଏବେ ବି ଗେଲ୍‌ହା ପୁଅ ।

ଟିକରା, ଟାଙ୍ଗି, କଟକ
ମୋ: ୮୨୪୯୯୩୬୫୦୩






# କେରଳ ଷ୍ଟୋରି ତାରକା ଅଦା ଶର୍ମା ସଙ୍କଟରେ: ଲିକ୍ ହେଲା ତାଙ୍କ ଯୋଗାଯୋଗ ବିବରଣୀ

ନାନା କାରଣରୁ ବିବାଦୀୟ ଚଳଚ୍ଚିତ୍ର ଦ କେରଳ ଷ୍ଟୋରି ଏବେ ଚର୍ଚ୍ଚାରେ ଅଛି । ଏହାର ମୁଖ୍ୟ ଅଭିନେତ୍ରୀ ଅଦା ଶର୍ମାଙ୍କର ଯୋଗାଯୋଗ ବିବରଣୀ ବର୍ତ୍ତମାନ ଅନଲାଇନରେ ଲିକ୍ ହୋଇଥିବା ଜଣାପଡ଼ିଛି । ଯୋଗାଯୋଗ ବିବରଣୀ ଲିକ୍ ହେବା ପରେ ଶର୍ମାଙ୍କୁ ହଇରାଣ କରାଯାଉଛି । ଝାମୁଣ୍ଡା ବୋଲଟେ ନାମକ ଜଣେ ଇନଷ୍ଟାଗ୍ରାମ୍ ବ୍ୟବହାରକାରୀ ଶର୍ମାଙ୍କ ଯୋଗାଯୋଗ ବିବରଣୀ ଲିକ୍ କରିଛନ୍ତି । କେବଳ ସେତିକି ନୁହେଁ, ସେ ତାଙ୍କର ନୂଆ ଯୋଗାଯୋଗ ନମ୍ବର ମଧ୍ୟ ଲିକ୍ କରିବାକୁ ଧମକ ଦେଇଛନ୍ତି । ଉକ୍ତ ବିବାଦୀୟ ଇନଷ୍ଟାଗ୍ରାମ୍ ଆକାଉଣ୍ଟକୁ ବର୍ତ୍ତମାନ ଅଚଳ କରିଦିଆଯାଇଥିବା ସୂଚନା ମିଳିଛି । ମେ ୫ ତାରିଖରେ ମୁକ୍ତିଲାଭ କରିଥିବା ଦ କେରଳ ଷ୍ଟୋରି ଅନୁଯାୟୀ କେରଳର ହିନ୍ଦୁ ମହିଳାଙ୍କୁ ପ୍ରେମଜାଲରେ ଫସାଇ ବିବାହ ନାଁରେ ଧର୍ମାନ୍ତରିତ କରିବା ପରେ ସେମାନଙ୍କୁ ଇରାକ ଓ ସିରିଆର ଇସ୍ ?ଲାମିକ୍ ଷ୍ଟେଟ୍ (ଆଇଏସ୍ ?ଆଇଏସ୍ ?)କୁ ଚାଲାଣ କରାଯାଇଥିଲା । କିଛି ଲୋକ ଏହି ଫିଲ୍ମକୁ ଅପପ୍ରଚାରମୂଳକ ବୋଲି ଅଭିଯୋଗ କରିଛନ୍ତି । ଫିଲ୍ମର କିଛି କଳାକାର ଓ କର୍ମଚାରୀଙ୍କୁ ମଧ୍ୟ ଧମକମୂଳକ ବାର୍ତ୍ତା ମିଳୁଥିବା ଜଣାପଡ଼ିଛି । ଚଳିତ ମାସରେ ନିର୍ଦ୍ଦେଶକ ସୁଦୀପ୍ତ ସେନ ତାଙ୍କ କର୍ମଚାରୀଙ୍କୁ ଧମକମୂଳକ ବାର୍ତ୍ତା ଦିଆଯାଉଥିବା ନେଇ ପୁଲିସରେ ଅଭିଯୋଗ କରିଥିଲେ । ପରେ ଏକ ସାକ୍ଷାତ୍ ?କାରରେ ଶୋଷା ଓ ଅଦା କେରଳ ଷ୍ଟୋରିକୁ ଏକ ଆନ୍ଦୋଳନ ବୋଲି କହିଥିଲେ । କିଛି ଲୋକ ଏହାକୁ ବିରୋଧ କରିବା ନିନ୍ଦନୀୟ ବୋଲି ସେ କହିଥିଲେ । ତେବେ କିଛି ଆତଙ୍କବାଦୀ ସଂଗଠନ ତାଙ୍କ ଚଳଚ୍ଚିତ୍ରକୁ ନେଇ ସମସ୍ୟା ସୃ ?ଷ୍ଟି କରିପାରନ୍ତି ବୋଲି ସେ ଆଶଙ୍କା କରୁଥିଲେ । ଅଦା କହିଛନ୍ତି, କେରଳ ଷ୍ଟୋରିକୁ ଦେଖିବା ପରେ ଆଜି ଯାଏ କାହାର କିଛି ସମସ୍ୟା ହୋଇ ନାହିଁ । ଏହା ଏକ ଆତଙ୍କବାଦ-ବିରୋଧୀ ଚଳଚ୍ଚିତ୍ର । ସମସ୍ତେ ଏହା ଦେଖିବା ଉଚିତ । ବର୍ତ୍ତମାନ ସୁଦ୍ଧା କେରଳ ଷ୍ଟୋରି ବକ୍ସ ଅଫିସରେ ୨୦୦ କୋଟି ଟଙ୍କାର ଆୟ ସୀମା ଅତିକ୍ରମ କରିଥିବା ଜଣାପଡ଼ିଛି ।

# ଫିଲ୍ମ ଲୋକଙ୍କୁ ଯୋଡ଼ିବା ପାଇଁ ନିର୍ମାଣ ହେବା ଉଚିତ; ଏଭଳି କହି 'ଦି କେରଳ ଷ୍ଟୋରୀ'କୁ ଟାର୍ଗେଟ କଲେ ନୱାଜୁଦ୍ଦିନ

ମେ' ୫ରେ ରିଲିଜ୍ ହୋଇଥିଲା ବହୁଚର୍ଚ୍ଚିତ ଫିଲ୍ମ 'ଦି କେରଳ ଷ୍ଟୋରୀ' । ରିଲିଜର ୧୮ଦିନରେ ଫିଲ୍ମଟି ୨୦୦କୋଟି କ୍ଲବରେ ସାମିଲ ହୋଇଛି । ଏବେ ଚଳିତ ବର୍ଷର ଦ୍ୱିତୀୟ ବଡ଼ ବଲିଉଡ ଫିଲ୍ମ ପାଲଟିଛି 'ଦି କେରଳ ଷ୍ଟୋରୀ' । ଏତେ କମ ବଜେଟରେ ନିର୍ମାଣ ହୋଇଥିବା ଫିଲ୍ମଟି ଏତେ ସଫଳ ହେବ ବୋଲି କେହି ଆଶା ରଖିନଥିବା ବେଳେ ଫିଲ୍ମଟି କମାଲ କରିଛି । ଏତେ ସଫଳତା ମିଳିବା ପରେ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ଫିଲ୍ମ ଉପରେ ଲାଗିଥିବା ପ୍ରତିବନ୍ଧକକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି । ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଯଦି କୌଣସି ଚଳଚ୍ଚିତ୍ର କିମ୍ବା ଉପନ୍ୟାସ କାହାକୁ ଆଘାତ ଦେଉଛି, ତେବେ ଏହା ଭୁଲ ଅଟେ । ଦର୍ଶକ କିମ୍ବା ସେମାନଙ୍କ ଭାବନାକୁ ଆଘାତ ଦେବା ପାଇଁ ଆମେ ଚଳଚ୍ଚିତ୍ର ନିର୍ମାଣ କରିବା ଉଚିତ୍ ନୁହେଁ । ଯେକୌଣସି ଚଳଚ୍ଚିତ୍ର ଲୋକଙ୍କୁ ଏକତ୍ର କରିବା ପାଇଁ ନିର୍ମାଣ ହେବା ଉଚିତ, ସେମାନଙ୍କୁ ବିଭାଜନ କରିବା ପାଇଁ ନୁହେଁ । ଏହି ଦୁନିଆରେ କୌଣସି ଜିନିଷକୁ ନିଷେଧ କରିବା ଉଚିତ୍ ନୁହେଁ । କିନ୍ତୁ ଯଦି କୌଣସି ଚଳଚ୍ଚିତ୍ରରେ ଲୋକ ଏବଂ ସାମାଜିକ ସୌହାର୍ଦ୍ଦ୍ୟକୁ ନଷ୍ଟ କରିବାର ଶକ୍ତି ଥାଏ, ତେବେ ଏହାକୁ ବନ୍ଦ କରାଯିବା ଉଚିତ୍ । ତେବେ ଫିଲ୍ମକୁ ରିଲିଜ୍ ପୂର୍ବରୁ ବିରୋଧ କରାଯାଉଥିଲେ ବି ଏବେ ଏହାକୁ ପସନ୍ଦ କରୁଛନ୍ତି ଦର୍ଶକ । ଦିନକୁ ଦିନ ଫିଲ୍ମର ଆୟ ବଢୁଥିବା ବେଳେ ଆଗକୁ ଫିଲ୍ମଟି ଅନେକ ବଡ଼ ବଜେଟ ଫିଲ୍ମର ରେକର୍ଡ ଭାଙ୍ଗିବ ବୋଲି କୁହାଯାଉଛି ।

# କାନ୍‌ରେ 'କେନେଡ଼ି' : ସଚ୍ଚୋଟ ପୁଲିସଙ୍କ ଜୀବନ କାହାଣୀ



ଏଥର ୭୬ତମ କାନ୍ ଫିଲ୍ମ ଫେଷ୍ଟିଭାଲ (୨୦୨୩)ରେ ଅନୁରାଗଙ୍କ ନିର୍ମିତ ନୂଆ ଚଳଚ୍ଚିତ୍ର 'କେନେଡ଼ି' ପ୍ରଦର୍ଶିତ ହେଇଛି । ଏଥିରେ ରାହୁଲ ଭଟ୍ଟ ଓ ସନି ଲିଅନେ ପ୍ରମୁଖ ଭୂମିକାରେ ଅଛନ୍ତି । ଏଇ ଦୁଇଜଣ ହିଁ କାନରେ ହେବାକୁ ଥିବା ଉକ୍ତ ଫିଲ୍ମର ପ୍ରମିୟର ସୋ'ରେ ଯୋଗ ଦେଇଥିଲେ । ଫିଲ୍ମର ପ୍ରଯୋଜନା କରିଥିବା ଜି ଷ୍ଟୁଡିଓଜ୍‌ର ସିଇଓ ଶାରିକ୍ ପଟେଲ୍ କହିଛନ୍ତି ଏକାଧିକ ଭାରତୀୟ ଚଳଚ୍ଚିତ୍ର ମଧ୍ୟରେ 'କେନେଡ଼ି' କାନ୍ ଫେଷ୍ଟିଭାଲ୍ ପାଇଁ ମନୋନୀତ ହେବା ପଛରେ ନିର୍ଦ୍ଦେଶକ ଅନୁରାଗ କାଶ୍ୟପଙ୍କ କ୍ରିଏଟିଭିଟିକୁ ହିଁ ଶ୍ରେୟ ଦିଆଯିବ । ସେମିତି ଅନୁରାଗ କାଶ୍ୟପ ମଧ୍ୟ କହିଛନ୍ତି, ଅପରାଧିକ କାହାଣୀ ଲେଖୁଥିବା ପାଟ୍ରିକ୍ ମଞ୍ଚାଟେ, ଏବଂ ଜାକ୍ୟୁସ୍ ଟାରଡିଙ୍କ ହାସ୍ୟରସ କାହାଣୀ ଏବଂ ମେଲଭାଇଲଙ୍କ ସିନେମାକୁ ଆଧାର କରି 'କେନେଡ଼ି' ଫିଲ୍ମ ପ୍ରସ୍ତୁତ ହୋଇଛି, ତେଣୁ ସେ ସେମାନଙ୍କୁ ଏହାର ଶ୍ରେୟ ଦେଇଛନ୍ତି । ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ଅନୁରାଗ କାଶ୍ୟପ ନିର୍ମାଣ କରିଥିବା ଚଳଚ୍ଚିତ୍ର 'କେନେଡ଼ି' କାନ୍ ଫିଲ୍ମ ଫେଷ୍ଟିଭାଲରେ ମିଡନାଇଟ୍ ପ୍ରଦର୍ଶନ ପାଇଁ ମନୋନୀତ ହେଇଛି । ପୁଲିସ୍ ରାଜରେ ହେଉଥିବା ଅନ୍ୟାୟ ଅନୀତି ଏବଂ ଏହାକୁ ପ୍ରତିରୋଧ କରୁଥିବା କେତେଜଣ ସଚ୍ଚୋଟ ପୁଲିସଙ୍କ ଜୀବନ କାହାଣୀକୁ ନେଇ ଆଧାରିତ ହେଇଛି ଏଇ ଚଳଚ୍ଚିତ୍ର । ୨୦୧୨, ୨୦୧୩, ୨୦୧୬ରେ ବିଶ୍ୱର ସବୁଠାରୁ ବଡ଼ ଫିଲ୍ମ ଫେଷ୍ଟିଭାଲ 'କାନ୍'ରେ ଗ୍ୟାଙ୍ଗସ ଅଫ୍ ୱାସିପୁର, ବମ୍ବେ ଟକିଜ୍, ଅଗ୍‌ଲୀ, ଗୁଲାଲ୍, ନୋ ସ୍ମୋକିଙ୍ଗ୍ ପରି ଚଳଚ୍ଚିତ୍ର ମନୋନୀତ ହେଇ ପ୍ରଦର୍ଶିତ ଓ ପୁରସ୍କୃତ ହେଇଥିଲା ।

# ସାମ୍ନାକୁ ଆସିଲା 'ରକି ଔର ରାନୀ କି ପ୍ରେମ କାହାନୀ'ର ଫାଷ୍ଟ ଲୁକ୍

ଆଲିଆ ଭଟ୍ଟ ଏବଂ ରଣଭୀର ସିଂଙ୍କ ଅପକମିଂ ଫିଲ୍ମ ରକି ଔର ରାନୀ କି ପ୍ରେମ କାହାନୀ । ଦୀର୍ଘ ଦିନ ଧରି ଏହି ଖବର ଚର୍ଚ୍ଚାରେ ରହିଆସିଛି । ବର୍ତ୍ତମାନ ନିର୍ଦ୍ଦେଶକ କରଣ ଜୋହର ୨୫ ମେ'ରେ ତାଙ୍କ ଜନ୍ମଦିନ ଅବସରରେ ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ୍ କରିଛନ୍ତି । ପ୍ରଶଂସକମାନେ ଦୀର୍ଘ ସମୟ ଧରି ରକି ଔର ରାନୀଙ୍କ ପ୍ରେମ କାହାନୀର ନୂଆ ଅପଡେଟ୍ ?କୁ ଅପେକ୍ଷା କରିଥିଲେ । ଏହି ସମୟରେ ସୋସିଆଲ ମିଡିଆରେ ସୁଟିଂର କିଛି ଭିଡିଓ ଏବଂ ଫଟୋ ସାମ୍ନାକୁ ଆସିଥିଲା । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହକୁ ଦେଖିବାକୁ ମିଳିଥିଲା । କରଣ ଜୋହର ଗତ କିଛି ବର୍ଷ ଧରି ନିର୍ଦ୍ଦେଶକଙ୍କ ଚେୟାରରୁ ଦୂରରେ ଥିଲେ, କିନ୍ତୁ ସେ ଏହି ଫିଲ୍ମ ପାଇଁ ପୁଣି କମ୍‌ବ୍ୟାକ୍ କରିଛନ୍ତି । ବର୍ତ୍ତମାନ କରଣ ତାଙ୍କର ୫୧ ତମ ଜନ୍ମଦିନ ଅବସରରେ ଫିଲ୍ମରୁ ଆଲିଆ ଭଟ୍ଟ ଏବଂ ରଣବୀର ସିଂଙ୍କ ଫାଷ୍ଟ ଲୁକ୍ ସେୟାର କରିଛନ୍ତି । ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ରକି ଔର ରାନୀ କି ପ୍ରେମ କାହାନୀର ଅନେକ ଫଟୋ ସେୟାର କରିଛନ୍ତି । ସେଥିରେ ଆଲିଆ ପ୍ରାୟ ସମସ୍ତ ଫଟୋରେ ଶାଢୀରେ ନଜର ଆସିଛନ୍ତି । ଏଥିସହିତ ରଣଭୀର ସିଂଙ୍କୁ ୱେଷ୍ଟର୍ଣ୍ଣ ଏବଂ ଫଙ୍କି ଲୁକରେ ଦେଖିବାକୁ ମିଳୁଛି । ଏହି କାହାଣୀକୁ ଦେଖିଲେ ଲାଗୁଛି ଆଲିଆ ଫିଲ୍ମରେ ଦେଶୀ ଗାର୍ଲଙ୍କ ଚରିତ୍ରରେ ଥିବାବେଳେ ରଣବୀର ବ୍ୟାଡ୍ ବଏ ଲୁକ୍‌ରେ ଦେଖିବାକୁ ମିଳିବ । ଇଶିତା ମୋଇତ୍ରା, ଶଶାଙ୍କ ଖେତାନ ଏବଂ ସୁମିତ ରୟ ରକି କାହାଣୀ ଲେଖିଥିବା ବେଳେ ଚଳିତ ବର୍ଷ ଜୁଲାଇ ୨୮ରେ ମୁକ୍ତିଲାଭ କରିବ ।



# ମନି ଲଣ୍ଡରିଂ ମାମଲାରେ ଜ୍ୟାକଲିନ୍‌ଙ୍କୁ ବଡ ଆଶ୍ୱସ୍ତି: ମିଳିଲା ବିଦେଶ ଯିବାକୁ ଅନୁମତି



ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ସହ ସମ୍ପୃକ୍ତି ଏବଂ ମନିଲଣ୍ଡରିଂ ମାମଲାରେ ଫସିଥିବା ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ । ବର୍ତ୍ତମାନ ତାଙ୍କୁ ବିଦେଶ ଯିବା ଲାଗି ମଙ୍ଗଳବାର ଦିଲ୍ଲୀର ଏକ ଅଦାଲତ ଅନୁମତି ଦେଇଛନ୍ତି । ସେ ମେ'୨୫ରୁ ଜୁନ୍ ୧୨ ମଧ୍ୟରେ ବିଦେଶ ଯାଇପାରିବେ । ଆଇଆଇଏଫ୍‌ଏ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବା ଲାଗି ମେ' ୨୫ରୁ ୨୭ ଦୁବାଇ ଯିବା ପାଇଁ ଆବେଦନ କରିଥିଲେ । ସ୍ୱତନ୍ତ୍ର ବିଚାରପତି ଶୈଳେନ୍ଦ୍ର ମଲିକ ଏଥିପାଇଁ ତାଙ୍କୁ ଅନୁମତି ଦେଇଛନ୍ତି । ଏଥିସହିତ ଏକ ଚଳଚ୍ଚିତ୍ର ଶୁଟିଂ ନିମନ୍ତେ ମେ' ୨୮ରୁ ଜୁନ୍ ୧୨ ପର୍ଯ୍ୟନ୍ତ ଇଟାଲୀର ମିଲନ ଗସ୍ତ ଲାଗି ତାଙ୍କୁ ଅନୁମତି ମିଳିଛି । ଗତବର୍ଷ ନଭେମ୍ବର ୧୫ରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ । ସୁକେଶ ଚନ୍ଦ୍ରଶେଖରଙ୍କ ବ୍ୟତୀତ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କୁ ମନି ଲଣ୍ଡରିଂ ମାମଲାରେ ଚାର୍ଜସିଟରେ ଅଭିଯୁକ୍ତ ଭାବରେ ନାମିତ କରିଛି । ଏହାପୂର୍ବରୁ, ଇଡି ଏହି ମାମଲାରେ ଜ୍ୟାକଲିନଙ୍କୁ ଅନେକ ଥର ପ୍ରଶ୍ନ କରିଛି । ବାସ୍ତବରେ, ମନି ଲଣ୍ଡରିଂ ମାମଲାରେ ଜଣେ ଅଭିଯୁକ୍ତ ଭାବରେ ଜ୍ୟାକଲିନ ପ୍ରତ୍ୟେକ ଥର ବିଦେଶ ଗସ୍ତରେ ଅନୁମତି ଆବଶ୍ୟକ କରୁଥିଲେ । ଗତ ବର୍ଷ ଯେତେବେଳେ ଜ୍ୟାକଲିନ୍ ବିଦେଶ ଯାତ୍ରା କରିବାକୁ ଅନୁରୋଧ କରିଥିଲେ, କୋର୍ଟ ଏହାକୁ ଅନୁମତି ଦେବାକୁ ମନା କରିଦେଇଥିଲେ । କେବଳ ଏତିକି ନୁହେଁ, ଡିସେମ୍ବର ୨୦୨୨ରେ ଜ୍ୟାକଲିନଙ୍କୁ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ ଦ୍ୱାରା ଜାରି କରାଯାଇଥିବା ଲୁକ୍ ଆଉଟ୍ ସର୍କୁଲାର ଆଧାରରେ ଗିରଫ କରାଯାଇଥିଲା ।

# ଖୁବ୍ ଶୀଘ୍ର ବନ୍ଦ ହେବ 'ୟେ ରିସ୍ତା କ୍ୟା କେହ୍‌ଲାତା ହେଁ', ଆସିବାକୁ ଯାଉଛି ନୂଆ ଟ୍ୱିଷ୍ଟ



ଟିଭି ସିରିଏଲ 'ୟେ ରିସ୍ତା କ୍ୟା କେହଲାତା ହେଁ' ଟିଆରପି ତାଲିକାର ୫ ନମ୍ବରରେ ରହିଛି । ଲୋକମାନେ ଅକ୍ଷରା ଏବଂ ଅଭିମନ୍ୟୁଙ୍କ ସମ୍ପର୍କକୁ ଖୁବ୍ ? ପସନ୍ଦ କରୁଛନ୍ତି । ଏହିପରି, ଲୋକମାନେ ଅକ୍ଷରା ଏବଂ ଅଭିମନ୍ୟୁ ମିଶାଇବାକୁ ସୋସିଆଲ ମିଡିଆରେ ଡିମାଣ୍ଡ କରିଆସୁଛନ୍ତି । କିନ୍ତୁ, ଶୋ'ର ନିର୍ମାତା ରାଜନ ଶାହି ଅକ୍ଷରା ଏବଂ ଅଭିମନ୍ୟୁଙ୍କୁ ନୂଆ ଟ୍ୱିଷ୍ଟ ଆଣି ପରସ୍ପର ବିରୁଦ୍ଧରେ ଲଗାଉଛନ୍ତି । ତେବେ ବର୍ତ୍ତମାନ କୁହାଯାଉଛି ଯେ ଖୁବ୍ ଶୀଘ୍ର ଅକ୍ଷରା ଏବଂ ଅଭିମନ୍ୟୁଙ୍କୁ ଏକାଠି ହେବାର ଦେଖିବାକୁ ମିଳିବ । କେବଳ ଏତିକି ନୁହେଁ, ଗଣମାଧ୍ୟମ ରିପୋର୍ଟରେ ମଧ୍ୟ ଦାବି କରାଯାଇଛି ଯେ ଅକ୍ଷରା ଏବଂ ଅଭିମନ୍ୟୁଙ୍କ ସାକ୍ଷାତ ପରେ ରାଜନ ଶାହି 'ୟେ ରିସ୍ତା କ୍ୟା କେହଲାତା ହେଁ ବନ୍ଦ କରିବେ । ସେ ସେହି ସ୍ଥାନମାନଙ୍କରେ ତାଙ୍କର ନୂଆ ସିରିଏଲ ଆଣିବେ । ହେଲେ ନିର୍ମାତାଙ୍କ ଦ୍ୱାରା ଏହି ଖବର ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । କିନ୍ତୁ, ଏହା ସତ ଯେ ୨୦୦୯ ମସିହାରୁ ପ୍ରସାରିତ ଶୋ ଏହି ସିରିଏଲ ୧୪ ବର୍ଷ ପରେ ଅଫ୍ ? ଏୟାର ହେବ । କହିବାକୁ ଗଲେ, ଏପର୍ଯ୍ୟନ୍ତ ଏହି ଟିଭି ସିରିଏଲର ୪୦୦୦ରୁ ଅଧିକ ଏପିସୋଡ୍ ଟେଲିକାଷ୍ଟ ହୋଇସାରିଛି । ନିକଟରେ ଏକ ସାକ୍ଷାତକାରରେ ରାଜନ ଶାହି ପ୍ରକାଶ କରିଛନ୍ତି ଯେ ଟିଆରପି କମ୍ ଥିବାରୁ ୬ ମାସ ପୂର୍ବରୁ ସିରିଏଲ ବନ୍ଦ କରିବାକୁ ଯୋଜନା କରିଥିଲେ । ଏହି ସୋ ସହିତ ମୋର ଅନେକ ସୁନ୍ଦର ମୂହୁର୍ତ୍ତ ରହିଛି । କିନ୍ତୁ ଦର୍ଶକଙ୍କ ଆଗ୍ରହ ହ୍ରାସ ହେତୁ ସୋ'ର ନମ୍ବର ହ୍ରାସ ପାଇବାରେ ଲାଗିଲା । ଏଭଳି ପରିସ୍ଥିତିରେ ଚ୍ୟାନେଲ ସୋକୁ ଅଫ୍ ଏୟାର କରିବେ ବୋଲି କହିଥିଲେ ।



# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଦିବ୍ୟାଙ୍ଗ ସଶକ୍ତିକରଣ ଶିବିର

ଭଦ୍ରକ, ୨୫/୦୫ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଦିବ୍ୟାଙ୍ଗମାନଙ୍କ ସଶକ୍ତକରଣ ନିମନ୍ତେ ତା.୨୨.୦୫.୨୦୨୩ ରିଖ ଠାରୁ ତା. ୨୯.୦୫.୨୦୨୩ ରିଖ ପର୍ଯ୍ୟନ୍ତ ଏକ ଅଭିଯାନ କାର୍ଯ୍ୟକ୍ରମ ଚ୍ଚାଲୁ ରହିଛି ।

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ୮ ଦିନ ବ୍ୟାପି ଅଭିଯାନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା । ଏହି ଅଭିଯାନରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ (ଗୋଷ୍ଠୀ) ସାମାଜିକ ସୁରକ୍ଷା ଅଧିକାରୀମାନେ ତଥା ଅନ୍ୟାନ୍ୟ ଅଧିକାରୀ, ସମସ୍ତଙ୍କ ସହଯୋଗ କ୍ରମେ ଏହି ୮ ଦିନ ବ୍ୟାପୀ ଦ୍ୱାରକୁ ଦ୍ୱାର ବୁଲି ଦିବ୍ୟାଙ୍ଗମାନଙ୍କୁ ଭେଟି ସେମାନଙ୍କ ସମସ୍ୟାକୁ ବୁଝିବା ପାଇଁ ଏବଂ ସେମାନଙ୍କୁ ସଶକ୍ତୀକରଣ କରିବାପାଇଁ ପାରାଲିଗାଲ୍ ଭଲ୍ୟୁଣ୍ଟରମାନଙ୍କୁ ମଧ ଏହି ଅଭିଯାନରେ ସାମିଲ କରାଯାଇଥିଲା । ସେମାନେ ଦ୍ୱାରକୁ ଦ୍ୱାର ବୁଲି ଦିବ୍ୟାଙ୍ଗ ମାନଙ୍କୁ ଭେଟି ସେମାନଙ୍କ ପାଇଁ ସରକାର ଗଠନ କରିଥିବା ବିଭିନ୍ନ ଭତ୍ତା, ଯୋଜନା ତଥା ସାହାଯ୍ୟକାରୀ ଉପକରଣ ଏବଂ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଆଇନ୍ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ ର ଧାରା ୧୨ ଅନୁଯାୟୀ ମାଗଣା ଆଇନ୍ ସେବା ପାଇବା ପାଇଁ ଯୋଗ୍ୟ ଅଟନ୍ତି, ଏସବୁକୁ ଦିବ୍ୟାଙ୍ଗମାନଙ୍କୁ ବୁଝାଇବା ସହ ସେମାନଙ୍କୁ କିପରି ଶିଘ୍ର ସାହାଯ୍ୟ ଯୋଗାଯାଇ ପାରିବ ସେ ସମ୍ବନ୍ଧରେ ମଧ ସଂପୃକ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହା ସହିତ ଦିବ୍ୟାଙ୍ଗମାନଙ୍କ ସଶକ୍ତୀକରଣ ନିମିତ୍ତ ଆଜି ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର, ଭଦ୍ରକ (ସି.ଆର.ଏସ୍.ଆର) ଠାରେ ଅନୁଷ୍ଠିତ କରାଯାଇ ୨୩ଜଣ ଦିବ୍ୟାଙ୍ଗଙ୍କୁ ସେମାନଙ୍କର ସାହାଯ୍ୟକାରୀ ଉପକରଣ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ଶ୍ରୀମତୀ ନେହା ଅଗ୍ରୱାଲ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀ ପବିତ୍ର କୁମାର ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଭଗବାନ ପରିଡ଼ା, ପରିଚାଳକ (ସି.ଆର.ଏସ୍.ଆର) ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କ ସମସ୍ୟା ବୁଝିବା ସହ ସେମାନଙ୍କର ଆବଶ୍ୟକୀୟ ସାହାଯ୍ୟକାରୀ ଉପକରଣ ଦେବା ସହ ନିକଟ ଭବିଷ୍ୟତରେ ଆଉ ଯାହା ସମସ୍ୟା ଅଛି ସେ ସବୁକୁ ଶିଘ୍ର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏଥି ସହିତ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକ ଜାରିକରିଥିବା ଟୋଲ ଫ୍ରି ହେଲ୍ପ ଲାଇନ୍ ନମ୍ବର ୧୮୦୦୩୪୫୬୭୫୬୧ ମଧ ପ୍ରଚାର କରାଯାଇଥିଲା ।

# ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୫/୦୫ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କିଲିଟାରି ସଭାକକ୍ଷ ରେ ଅନୁଷ୍ଠିତ ବୈଠକରେ ମାନ୍ୟବର ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଓଡିଶା ଶ୍ରୀ ନିରଞ୍ଜନ ପୂଜାରୀ, ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ନିହାର ରଞ୍ଜନ କହଁର, ଜିଲ୍ଲା ପରିଷଦ ଉପାଧକ୍ଷ୍ୟ ଶ୍ରୀ ଝସକେତନ ବଘାର, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା,ସମସ୍ତ ବ୍ଲକ୍‌ର ଅଧକ୍ଷ/ଅଧକ୍ଷା, ଜିଲାସ୍ତରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଶ୍ରୀ କହଁର ବୈଠକରେ ଉପସ୍ଥିତ ପରିଷଦର ସମସ୍ତ ସଦସ୍ୟ ସଦସ୍ୟା, ବ୍ଲକ ଅଧକ୍ଷ ଅଧକ୍ଷା, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଙ୍କୁ ବୈଠକରେ ସ୍ୱାଗତ କରିଥିଲେ କ୍ଷ ପରେ ପରେ ଅଧକ୍ଷାଙ୍କ ଅନୁମତି ରେ ଗତ ତା ୦୬ /୦୧/୨୩ ରେ ଅନୁଷ୍ଠିତ ବୈଠକରେ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ଆଗତ ବିଭିନ୍ନ ବିଭାଗୀୟ ପ୍ରଶ୍ନର ଉତର ତଥା ନିଆଯାଇଥିବା ନିଷ୍ପତିଗୁଡିକର ଦୃଢ଼ୀକରଣ ନିମନ୍ତେ ବିବରଣୀ ଉପସ୍ଥାପନା କରିଥିଲେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ଶ୍ରୀ କହଁର । ଅଧକ୍ଷ ଜିଲ୍ଲା ପରିଷଦ ଶ୍ରୀମତୀ ସୁପାର ଠେଲା ଉପସ୍ଥିତ ସମସ୍ତଙ୍କୁ ବୈଠକକୁ ସ୍ୱାଗତ କରି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ନିରଞ୍ଜନ ପୂଜାରୀ ନିଜ ବକ୍ତବ୍ୟରେ ସରକାରଙ୍କ ପ୍ରତିଟି ଜନମଙ୍ଗଳ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ସଫଳତାର ସହ ପହଂଚାଇବା ସହ ପ୍ରକଳ୍ପଗୁଡିକୁ ଉଚିତ ଗୁଣବତାର ସହ ସମୟ ଅବଧିରେ ପ୍ରସ୍ତୁତ କରିବାକୁ ଆହ୍ୱାନ କରିଛନ୍ତି । ଆଜିର ବୈଠକରେ ଗତ ତା ୦୬/୦୧/୨୩ ରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକର ବିବରଣୀ କୁ ଅନୁମୋଦନ ନିମନ୍ତେ ଗୃହରେ ଆଗତ କରାଯାଇଛି ତତ ସହ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ପଂଚମ ରାଜ୍ୟ ଅର୍ଥ କମିଶନ ଦ୍ୱାରା ଜିଲ୍ଲା ପଂଚାୟତ ଉନ୍ନୟନ ଯୋଜନା ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡିକୁ ଅନୁମୋଦନ ନିମନ୍ତେ ଗୃହରେ ଉପସ୍ଥାପନ କରାଯାଇଛି । ଏହି ଅବସରରେ ବୈଠକରେ ଜିଲ୍ଲାର ବିଦ୍ୟୁତ ବିଭାଗର କାର୍ଯ୍ୟକାରିତାର ଆଲୋଚନା କରାଯାଇ ସ୍କୁଲ ଅଙ୍ଗନବାଡି କେନ୍ଦ୍ର ପରିସର ଉପରେ ଯାଇଥିବା ବିଦ୍ୟୁତ ତାର କୁ ଅପସାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ କାର୍ଯ୍ୟକ୍ରମ, ବୟନ ବିଭାଗର ବିଭିନ୍ନ ଲୋକ ଯୋଜନାର ସଠିକ କାର୍ଯ୍ୟକାରିତା, ବଣଖଣ୍ଡ ବିଭାଗ ଦ୍ୱାରା ସାମାଜିକ ବନୀକରଣ, ରାସ୍ତା ପାର୍ଶ୍ୱ ବୃକ୍ଷ ରୋପଣ ତଥା ବନ୍ୟ ଜନ୍ତୁ ଦ୍ୱାରା କ୍ଷୟକ୍ଷତିର ଅନୁକମ୍ପା ସହ ବନ୍ୟ ଜନ୍ତୁ ଦାଉରୁ ସୁରକ୍ଷା ନିମନ୍ତେ ବିଭାଗୀୟ ପଦକ୍ଷେପ ଉପରେ ଆଲୋଚନା କରାଯାଇଛି କ୍ଷ ପୁନଶ୍ଚ ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିଳ୍ପ କେନ୍ଦ୍ର ର କାର୍ଯ୍ୟକାରିତା ,ଜିଲ୍ଲା ଯୋଗାଣ ବିଭାଗ, ସେବା ସମବାୟ,ଜିଲ୍ଲା ଶ୍ରମ ବିଭାଗ,ଜଳ ସେଚନ ବିଭାଗ, ବିଦ୍ୟୁତ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଆରଡବ୍ଲୁଡି, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ, ଜିଲ୍ଲା ନିୟୋଜନ ବିଭାଗ,ତେଲ ଜଳସେଚନ ବିଭାଗ, କେନ୍ଦୁଲିଫ ପ୍ରଭୃତି ଦ୍ୱାରା ସରକାରଙ୍କ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପଗୁଡିକର ସ୍ଥିତି, ଅବସ୍ଥିତି ଓ ନୂତନ ଭାବେ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ଉପରେ ବିଭାଗୀୟ ଅଧିକାରୀ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦ ଦ୍ୱାରା ଗ୍ରାମୀଣ ଆବାସ ଯୋଜନା, ଏମ ଜି ଏନ ଆର ଇ ଜି ଏସ, ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତା ଉପରେ ସି ଡି ଓ ବୈଠକରେ ତଥ୍ୟ ପ୍ରଦାନ କରିଥିଲେ । ସଦସ୍ୟ ସଦସ୍ୟା ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ତାରିଖ ସୂଚନା ଏବଂ ବୈଠକ ବିବରଣୀକୁ ସପ୍ତାହ ପୂର୍ବରୁ ପ୍ରଦାନ କରିବାକୁ ଗୃହରେ ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ମର୍ମରେ ଜିଲ୍ଲାପାଳ ଆଗାମୀ ଦିନରେ ଏହାକୁ ସୁନିଶ୍ଚିତ କରାଯିବା ଉପରେ ସଦସ୍ୟ ସଦସ୍ୟାଙ୍କୁ ନିର୍ଭର ପ୍ରତିଶୃତି ଦେଇଥିଲେ । ପରେ ପରେ ସଦସ୍ୟ ସଦସ୍ୟା ନିଜ ନିଜ ଅଂଚଳରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପ ଉପରେ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପ୍ରଶ୍ନ ରଖିଥିଲେ କ୍ଷ ବିଭାଗୀୟ ଅଧିକାରୀ ଗୃହରେ ଉପସ୍ଥିତ ସଦସ୍ୟ /ସଦସ୍ୟାଙ୍କୁ ନିଜ ନିଜ ବିଭାଗ ର କାର୍ଯ୍ୟକାରିତା ଉପରେ ଅବଗତ କରାଇ ଆବଶ୍ୟକ ଉତର ଦେଇଥିଲେ । ଶେଷରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସନତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଜବତ: ଫାଇନ ଆଦାୟ

ଖଇରା, ୨୫/୦୫ (ନି.ପ୍ର): ଔପଦା ବ୍ଲକ ଫତେପୁର ପଂଚାୟତ ହରିହରପୁର ଶାସନ ରେ ବେଆଇନ ମାଟି ପକାଚାଲିଥିବା ବେଳେ ବିଶେଷ ସୁତ୍ରରୁ ଖବର ପାଇ ଫତେପୁର ଆରଆଇ ଜୟନ୍ତ କୁମାର ସେଠୀ ଘଟଣା ସ୍ଥଳରେ ପହଁଚି ୨ଟି ଟ୍ରାକ୍ଟର କୁ ଜବଦ କରିଥିଲେ । ପରେ ଗାଡିର ଆବଶ୍ୟକିୟ କାଗଜ ପତ୍ର ଡ୍ରାଇଭରକୁ ଦେଖାଇବାକୁ କହିଥିଲେ । ଡ୍ରାଇଭର ଆବଶ୍ୟକିୟ କାଗଜ ପତ୍ର ଦେଖାଇ ନପାରିବାରୁ ୨୦ ହଜାର ୨୧୦ ଟଙ୍କା ଫଇନ ଆଦାୟ କରିଥିଲେ ।

# କଥାକାର ରଞ୍ଜନ ପ୍ରଧାନଙ୍କୁ 'ଆର୍ତ୍ତବଲ୍ଲଭ ଗବେଷଣା ପୁରସ୍କାର-୨୦୨୩

କନ୍ଧମାଳ, ୨୫/୦୫ (ନି.ପ୍ର): କଥାକାର ଗବେଷକ ଡକ୍ଟର ରଞ୍ଜନ ପ୍ରଧାନଙ୍କୁ ଚଳିତବର୍ଷର ସମ୍ମାନଜନକ 'ଆର୍ତ୍ତବଲ୍ଲଭ ଗବେଷଣା ପୁରସ୍କାର-୨୦୨୩' ପ୍ରଦାନ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ଅବସରରେ କେନ୍ଦ୍ରାପଡ଼ାର ସଂସ୍କୃତି ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଡକ୍ଟର ପ୍ରଧାନଙ୍କୁ ମାନପତ୍ର, ଉତ୍ତରୀୟ, ତାମ୍ରଫଳକ ସହିତ ନଗର ୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନପୂର୍ବକ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସାରସ୍ୱତ ସମାରୋହରେ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଉଦ୍‌ଘାଟକ ଭାବେ ପ୍ରଖ୍ୟାତ ଗାଳ୍ପିକ ଡ. ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ କବି ଅପର୍ଣ୍ଣା ମହାନ୍ତି, କଥାକାର ତଥା 'କାହାଣୀ'ର ସମ୍ପାଦକ ବିଜୟ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦର ସମ୍ପାଦକ ସରୋଜ କୁମାର ମହାନ୍ତି, ସମାଲୋଚକ ଡ. ଦିଲ୍ଲୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶାର ବିଶିଷ୍ଟ ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସ୍ମୃତିରେ ପ୍ରବର୍ତ୍ତିତ ଏହି ପୁରସ୍କାର ପାଇବା ତାଙ୍କ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି ପୁରସ୍କାର ପାଇବା ପରେ କଥାକାର ଡ. ପ୍ରଧାନ ପ୍ରକାଶ କରିଥିଲେ । ଜନଜାତି, ନଦୀ, ପାହାଡ଼, ଐତିହ୍ୟ, ସଂସ୍କୃତି ଓ ପ୍ରାଚୀନ ଉତ୍କଳୀୟ ପରମ୍ପରାକୁ ନେଇ ଡକ୍ଟର ପ୍ରଧାନଙ୍କର ଏଯାବତ୍ ୨୦ରୁ ଅଧିକ ଗବେଷଣା ପୁସ୍ତକ ପ୍ରକାଶ ପାଇ ବେଶ ପାଠକୀୟ ଆଦୃତିଲାଭ କରିପାରିଛି । 'ଓଡ଼ିଶାର ନଦନଦୀ' ପୁସ୍ତକ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଉତ୍ତର ଓଡ଼ିଶାରେ ବସବାସ କରୁଥିବା ବାଥୁଡ଼ି ଜନଜାତି ଗୋଷ୍ଠୀଙ୍କ ସମ୍ପର୍କରେ ଉଚ୍ଚତର ଗବେଷଣା କରି ସେ ପିଏଚ୍‌ଡି ଡିଗ୍ରି ହାସଲ କରିଛନ୍ତି । ଏହି ପୁରସ୍କାର ପାଇବା ପରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ମହଲରୁ ଡ. ପ୍ରଧାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# କଳାହାଣ୍ଡିରେ ଆମ୍ବ ବିକ୍ରି ପସରା ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ

କଳାହାଣ୍ଡି , ୨୫/୦୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଏକ କୃଷି ପ୍ରଧାନରେ ଅଗ୍ରସର ପ୍ରଗତି କରିବାରେ ଧୁରନ୍ଧର. ଏହି ଜିଲ୍ଲାର ବିଭିନ୍ନ ସ୍ଥାନ ରେ ବିଭିନ୍ନ ପ୍ରକାର ଫସଲ କରିବାରେ ଚାଷୀମାନେ ବେଶ କ୍ଷତି କରିଥିବା ବେଳେ, ଫସଲ ର ଉଚ୍ଛିତ ମୂଲ୍ୟ ପାଇ ପାରନ୍ତି ନାହିଁ, ଫଳ ରେ ଦଲାଲମାନେ ମାଲାମାଲ ହୁଅନ୍ତି, ମାର୍କେଟ ସୁବିଧା ପ୍ରାୟ ଠିକ ନାହିଁ, ସେହିଭଳି ଅର୍ଥ କାରି ଚାଷୀ ଆମ୍ବଚାଷୀମାନେ ଜିଲ୍ଲାର ବିଭିନ୍ନ ପ୍ରାନ୍ତ ରେ ଉର୍ନ୍ନ ତ ଧରଣ ର ଆମ୍ବ ଚାଷ କରନ୍ତି କିନ୍ତୁ ବିକ୍ରି ବଟାରେ, ମାର୍କେଟ ସୁବିଧା ପ୍ରାୟ ନ ଥିଲା, ଖୁସିର କଥା ଯେ ଜୁନାଗଡ଼ ବ୍ଲକ ଅଫିସ ସମ୍ମୁଖରେ, ଧର୍ମଗଡ଼ ଏନ୍‌ଏସି ଡାକ୍ତର ଖାନା ସମ୍ମୁଖରେ, କେସିଙ୍ଗା ଡ଼େଲି ମାର୍କେଟ, ଥୁଆମୂଳ ରାମ ପୁର, ଲାଞ୍ଜିଗଡ, କୋକସରା,, ଗୋଲାମୁଣ୍ଡା, ଭବାନୀପାଟଣା ଇତ୍ୟାଦି ସ୍ଥାନରେ ଏସ ଏଚ ଜି ଗୋଷ୍ଠୀ ଇତ୍ୟାଦି ମାନେ ଆମ୍ବ ପସରା କରାଯାଇ ଏକ୍ସହିବିସନ, ବିକ୍ରି କାର୍ଯ୍ୟକ୍ରମ କରାଯାଇଛି, ଏହି କାର୍ଯ୍ୟକ୍ରମ କୁ ଜିଲ୍ଲାପାଳ ଉଦଘାଟନ କରିଥିଲେ ଏବଂ ସି ଡି ଓ କମ ଇ ଓ ଜିଲ୍ଲାପରିଷ ଡି ଡି ଏମ ନାବାର୍ଡ, ଡି ଡି ଏଚ ଉଦ୍ୟାନ ବିଭାଗ, ଇ ଓ ମୁନିସିପାଲିଟି, ବି ଡି ଓ ଭବାନୀପାଟଣା, ଡି ଆଇ ପି ଆର ଓ ଡେପୁଟି ସିଇଓ ଓରମାସ ପି ଏମ କ୍ଷସଙ୍ଗରକ୍ଷସଷକ୍ଟକ୍ଟୟଙ୍ଖ ଇତ୍ୟାଦି ଅଧିକାରୀ ମାନେ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମ ୨୯ତାରିଖ ପର୍ଯ୍ୟନ୍ତ ଚାଲିବାର କାଯ୍ୟକ୍ରମ ରହିଥିବା ଜଣାଯାଏ ଏହାକୁଜିଲ୍ଲା ପ୍ରଶାସନ ସହ ଉଦ୍ୟାନ ବିଭାଗ, ମିଶନ ଶକ୍ତି, ନାବାର୍ଡ, ଓରମାସ କଳାହାଣ୍ଡିଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା ।

# ମଞ୍ଜି ସଂଗ୍ରହ କାର୍ଯ୍ୟକ୍ରମ ଶୁଭାରମ୍ଭ

ବଲାଙ୍ଗୀର, ୨୫/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଓ ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ମଞ୍ଜି ସଂଗ୍ରହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ଯାଇଛି । ଗ୍ରୀଷ୍ମପ୍ରବାହ ଦୃଷ୍ଟିରେ ରଖି ବିଦ୍ୟାଳୟର କେବଳ ପୁିତନଛାତ୍ର ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପ୍ରତିନିଧିମାନଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ଶିକ୍ଷକ ତଥା ରେଡକ୍ରସ କର୍ମୀ ରାମ ନାରାୟଣ ଦାଶ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୁବ ସମାଜସେବୀ ଶ୍ରବଣ ବାରିକ, ସମ୍ମାନିତ ଅତିଥି ଭାବରେ ପ୍ରକୃତିପ୍ରେମୀ ଦୀନବନ୍ଧୁ ବାଗ ଯୋଗଦେଇ ଥିଲେ । ସମସ୍ତଙ୍କ ଘରେ କିଛି ପାଚିଲା ଫଳ ଆମ୍ବ, ପଣସ, ଖଜୁରୀ, କେନ୍ଦୁ, ସପେଟା, ଜାମୁ , ଲେମ୍ବୁ ବ୍ୟବହାର ପାଇଁ ଅଣକ୍ଷ ହୋଇଥାଏ । ସେଗୁଡିକୁ ଖାଇସାରିବା ପରେ ତାର ମଞ୍ଜି ଗୁଡିକ ଏଣେତେଣେ ନଫିଙ୍ଗି ଗୋଟିଏ ଜାଗାରେ ରଖିବା ଓ ଖରାରେ ୪-୫ ଦିନ ଶୁଖାଇ ଦେବା । ସଂଗୃହିତ ମଞ୍ଜି ଗୁଡିକ ଆଗାମୀ ବିଶ୍ୱ ପରିବେଶ ଦିବସ ବା ମୌସୁମୀ ଆସିବା ପୂର୍ବରୁ ବିଲର ହିଡ଼, ରାସ୍ତା ଉଭୟ ପାଶ୍ୱ, ଖାଲିପଡିଥିବା ପଡ଼ିଆ, ନିଜ ବାଡିପଛ ପଟରେ ବୁଣିବା ବା ରୋପଣ କରିବା । ଫଳରେ କମ୍ ସମୟରେ ତଥା କମ୍ ଖର୍ଚ୍ଚରେ ନୂତନ ଚାରା ପାଇପାରିବା ସହ ସବୁଜ ବନାନୀ ସୃଷ୍ଟି ହୋଇପାରିବ ବୋଲି ଅତିଥିଗଣ ମତ ପ୍ରକାଶ କରିଥିଲେ । ଏହି ଅବସରରେ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ୍ ଆର୍ମି, କମାଣ୍ଡେଂଟ ଇନ୍ ଚିଫ୍ ବା ଗଛ ମଣିଷ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ବାର୍ତା, ବିଶ୍ୱ ଜନନୀକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣ ମୁକ୍ତ କରିବାରେ ପ୍ରତ୍ୟେକ ଜଣେ ଜଣେ ସବୁଜ ସଂଗ୍ରାମୀ ଭାବରେ କାର୍ଯ୍ୟ କରିବା ବୋଲି ପ୍ରକୃତିବନ୍ଧୁ ଶିକ୍ଷକ ରାମ ନାରାୟଣ ଦାଶ ସୂଚନା ପ୍ରଦାନ କରିଥିଲେ । ପୂର୍ବରୁ ଅନଲାଇନ ମାଧ୍ୟମରେ ଶିକ୍ଷ୍ୟର୍ଥୀ ମାନଙ୍କୁ ମଞ୍ଜି ସଂଗ୍ରହ କାର୍ଯ୍ୟକ୍ରମ ଶୁଭାରମ୍ଭ ବିଷୟରେ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ତୁଫାନ ରଣା, ବିକାଶ ରଣା, ଝରଣା ରଣା, ପ୍ରିୟା ରଣା, ମହିମା ରଣା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ଛତ୍ର କପିଳ ଭୋଇ ପରିଚାଳନା କରିଥିଲା ବେଳେ ସୁନୀଳ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ୫ ମାସ ହେଲା ଖରାପ ହୋଇ ପଡିଛି ୧ ୨ଟି ଅଳିଆ ବୁହାଗାଡି: ୧୯ଟି ୱାର୍ଡରୁ ଉଠିପାରୁନି ଅଳିଆ ଆବର୍ଜନା

ମାଲକାନଗିରି, ୨୫/୦୫ (ନି.ପ୍ର): ମାଲକାନଗିରି ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ଲକ୍ଷାଧିକ ଟଙ୍କା ବ୍ୟୟରେ କିଣା ହୋଇଥିଲା ବ୍ୟାଟେରି ଚାଳିତ ଗାଡ଼ି । ଏହି ଗାଡ଼ରେ ନିୟମିତ ଅଳିଆ ସଂଗ୍ରହ ମଧ ହେଉଥିଲା । କିନ୍ତୁ ଥରେ ଗାଡ଼ି ଖରାପ ହେବାପରେ ଆଉ ସେଥିପ୍ରତି ଗୁରୁତ୍ୱ ଦିଆଗଲା ନାହିଁ । ଯାହାଫଳରେ ଅଳିଆ ସଂଗ୍ରହ ଗାଡ଼ି ଏବେ ଅଳିଆରେ ପରିଣତ ହୋଇସାରିଲାଣି । ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ନିକଟରେ ଥିବା ବାସହିନ ଆଶ୍ରୟସ୍ଥଳି ରେ ଏହି ଗାଡ଼ି ଗୁଡ଼ିକ ୫ ମାସ ହବ ପଡ଼ି ରହିଥିବା ବେଳେ ସହରର ୧୯ଟି ୱାର୍ଡରୁ ନିୟମିତ ଆବର୍ଜନା ସଂଗ୍ରହ ହୋଇପାରୁନଥିବା ଦେଖିବାକୁ ମିଳିଛି । ଯାହାଫଳରେ ଲୋକଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଛି । ମାଲକାନଗିରି ପୌରପାଳିକା ୧୯ଟି ୱାର୍ଡକୁ ନେଇ ଗଠିତ । ପ୍ରାୟ ୯୦୦୦ ଘର ରହିଥିବା ବେଳେ ସହରର ଜନସଂଖ୍ୟା ପାଖାପାଖି ୪୦ହଜାର ହେବ ବୋଲି ଜଣାପଡ଼ିଛି । ସହରରୁ ପ୍ରତିଦିନ ୧୦ ଟନ୍‌ରୁ ଅଧିକ ଆବର୍ଜନା ବାହାରୁଛି । ଏତେ ପରିମାଣରେ ଆବର୍ଜନାକୁ ବାହାର କରି ଅନ୍ୟସ୍ଥାନକୁ ନେବା ପାଇଁ ୨୦୨୧ ମସିହାରେ ପୌରପାଳିକା ପକ୍ଷରୁ ୩୦ଲକ୍ଷ ଟଙ୍କା ଖର୍ଚ୍ଚ କରି ୨୦ଟି ବ୍ୟାଟେରି ଚାଳିତ ଗାଡ଼ି କିଣା ହୋଇଥିଲା । ମହିଳାଙ୍କୁ ରୋଜଗାରକ୍ଷମ କରିବା ନିମନ୍ତେ ଏହାର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଥିଲା । ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଗାଡି ଘର ଘର ବୁଲି ଆବର୍ଜନା ସଂଗ୍ରହ କରି ଏମ୍‌ସିସି ସେଣ୍ଟରକୁ ନେଉଥିଲେ । କିନ୍ତୁ ଗୋଟିଏ ପରେ ଗୋଟିଏ ଗାଡ଼ି ଖରାପ ହୋଇଥିଲେ ସୁଦ୍ଧା ମରାମତି କିମ୍ବା ନୂଆ ଗାଡ଼ି କିଣିବା ବ୍ୟବସ୍ଥା କରାଗଲାନାହିଁ । ୨୦ଟି ମଧ୍ୟରୁ ୧୪ଟି ଗାଡ଼ି ସଂପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି । ଯାହା ଫଳରେ ୧୪ଟି ଗାଡିରେ କାମ କରୁଥିବା ୨୮ ଜଣ ମହିଳା ବର୍ତ୍ତମାନ ଘରେ ବସି ରହିଥିବା କହିଛନ୍ତି ସମାଜସେବୀ । ସେହି ଭଳି ସହରର ପ୍ରତି ୬୦୦ଘର ପାଇଁ ଗୋଟିଏ ଲେଖାଏଁ ଗାଡ଼ି ଯୋଗାଇ ଦିଆଯାଇଥିଲା । ପ୍ରତି ଗାଡ଼ି ଦାୟିତ୍ୱରେ ଦୁଇ ଜଣ ମହିଳା ରହିଥିଲେ । ତେବେ ଗାଡ଼ି ଗୁଡ଼ିକ ଖରାପ ହେବାପରେ ସହରରେ ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ୬ଟି ଗାଡ଼ି ଉପରେ ସଂପୂର୍ଣ୍ଣ ସହରର ଆବର୍ଜନା ଉଠାଇବା ଭାର ପଡ଼ିବା ପରେ ଦିନ ଦିନ ଧରି କିଛି ସ୍ଥାନରେ ଆବର୍ଜନା ପଡ଼ି ରହୁଛି । ୧୪୧୫ଟି ଗାଡି ଆଜକୁ ପ୍ରାୟ ୫ ମାସ ହବ ଖରାପ ହୋଇ ପଡିରହିଥିଲେ ମଧ୍ୟ ଗାଡି ଗୁଡିକୁ ମରାମତି କରାଯାଉନଥିବା କିମ୍ବା ନୁତନ ଗାଡି ଆଣାନଯିବା ରୁ ସହର ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସ୍ୱଚ୍ଛତା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରିବା ସତ୍ତ୍ୱେ ପରିମଳ ବ୍ୟବସ୍ଥାରେ ସୁଧାର ଆସୁନଥିବା ରୁ ଏଥି ପ୍ରତି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବିକରିଛନ୍ତି ସମାଜସେବୀ ତଥା କଂଗ୍ରେସ ନେତା ବି ଶ୍ରୀନିବାସ ରାଓ । ଏ ନେଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ସେକହିଛନ୍ତି ୨୦ଟି ଗାଡି ମଧ୍ୟ ରୁ ୧୨ଟିଗାଡି ଖରାପ ରହିଛି ଏବଂ ୮ଟି ଗାଡି ଚାଲୁଛି କହିଛନ୍ତି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ । ଗାଡି ଗୁଡିକ ମରାମତି ପାଇଁ ପୌରପାଳିକା ଓ ମାଥିଲି ଆଇଟିଆଇ ମଧରେ ଏକ ଚୁକ୍ତି ହୋଇଥିଲା ଯେଉଁ ଗାଡି ଖରାପହବ ସେହି ସବୁଗାଡି ଗୁଡିକୁ ମାଥିଲି ଆଇଟିଆଇ ଟ୍ରେନିଙ୍ଗ ପିଲା ମରାମତି କରିବେ । ଗାଡି ଖରାପ ହେବା ପରେ ସେମାନଙ୍କୁ ଅବଗତ କରାଯାଇଥିଲା । ପରେ ଆଇଟିଆଇ ପିଲାମାନେ ଆସି ଦେଖି ଯାଇଥିଲେ ସୁଦ୍ଧା ମରାମତି ହୋଇପାରିନି । ଏଣୁ ବାହାରେ ଗାଡିର ମରାମତି ପାଇଁ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟକୁ ଚିଠି କରିଛନ୍ତି କହିଛନ୍ତି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ । ଗାଡି ତିଆରି ହେବା ପରେ ଅଳିଆ ସଂଗ୍ରହ ସ୍ୱାଭାବିକ ହେବ କହିଛନ୍ତି । ଖରାପ ହୋଇ ପଡିରହିଥିବା ଲକ୍ଷଲକ୍ଷ ଟଙ୍କାର ଅଳିଆ ବୁହା ବେଟେରି ଗାଡିଗୁଡିକୁ କେବେ ମରାମତି କରିବ ପୌରପାଳିକା ଏବଂ ମାଲକାନଗିରି ସହରରେ କେବେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ସଦ୍ ଉପଯୋଗ ହବ ତାହା ଦେଖିବାକୁ ବାକିରହିଲା ।

# ୨୫ତମ ଇଶାଣେଶ୍ୱରଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳିତ

କୋରେଇ, ୨୫/୦୫ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତ ସୋଡି ଗ୍ରାମର ଆରାଧ୍ୟ ଦେବତା ଇଶାଣେଶ୍ୱର ମହାଦେବଙ୍କ ୨୫ ତମ ବିବାହ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରାତଃକାଳରୁ ସୁର୍ଯ୍ୟପୁଜା, ମହାଦେବଙ୍କ ଷୋଡ଼ଶ ଉପଚାର ପୁଜା ପରେ ଦିଅଁ ମଙ୍ଗୁଳା ,ବାଟ ବରଣୀ ଆଦି ପୂଜା ଅନୁଷ୍ଠିତ ହୋଇଥିଲା । ବର ପିତାମାତା ଭାବେ ଦାମୋଦର ପଣ୍ଡା ଓ ତାଙ୍କ ସହଧର୍ମିଣୀ ବାସନ୍ତୀ ପଣ୍ଡା ଏବଂ କନ୍ୟା ପିତାମାତା ଭାବେ ଅଦୈତ୍ୟ ଚରଣ ଦାଶ ଓ ତାଙ୍କ ସହଧର୍ମିଣୀ ପଦ୍ମାବତୀ ଦାଶ ଏବଂ ପୂଜକ ପଣ୍ଡିତ ନୀଳମଣୀ ପଣ୍ଡା, ପ୍ରସନ୍ନ ପଣ୍ଡା, ବିଶ୍ୱନାଥ ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ମଧୁସୂଦନ ଦାଶ, ଗଦାଧର ଦାଶ ପ୍ରମୁଖ ଉକ୍ତ ବିବାହ ଉତ୍ସବକୁ ସମାପନ କରିଥିବା ବେଳେ ଗ୍ରାମର ସର୍ବଶ୍ରୀ ଉମାକାନ୍ତ ଖଣ୍ଡାଇ, ଶାନ୍ତନୁ ପଣ୍ଡା, ବଟକୃଷ୍ଣ ମହାପାତ୍ର, ଅନାମ ମହାପାତ୍ର, ସୂର୍ଯ୍ୟମଣୀ ସାହୁ, ନାରାୟଣ କରଣ, ଶିବ ବାରିକ, ଗଣେଶ୍ୱର ଦଳାଇ, କାଳନ୍ଦୀ ସ୍ୱାଇଁ, କୃତିବାସ ଖଣ୍ଡାଇ, ସରପଂଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ମାଝୀ ,ସମିତି ସଭ୍ୟାଙ୍କ ପ୍ରତିନିଧି ଶଶୀକାନ୍ତ ମାଝୀ, ପ୍ରତିମା ମହାପାତ୍ର, ଗୋପାଳ ଦାଶ, ବିନୋଦ ବିହାରୀ ଦଳେଇ, କାଳନ୍ଦୀ ସ୍ୱାଇଁ, ଅଇଁଠୁ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସମସ୍ତ ଗ୍ରାମବାସୀ ସମୂହ ମହାପ୍ରସାଦ ସେବନ କରିଥିଲେ । ସେହିପରି ସାହାପୁରସ୍ଥିତ ବାବା ଖାଙ୍କେଡ଼େଶ୍ୱର ମହାଦେବଙ୍କ ପୀଠରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଯାଇଛି । ବର ପିତା ଭାବେ ସୁଦାମ ସାହୁ କନ୍ୟାପିତା ଭାବେ ତ୍ରିଲୋଚନ ନାୟକ ଓ ପୂଜକ ଅନୀଲ ପଣ୍ଡା ଓ ଅମିତ ପଣ୍ଡା ବିବାହ କାର୍ଯ୍ୟ ସମାପନ କରାଇଥିଲେ । ପରେ ଗ୍ରାମବାସୀଙ୍କ ତରଫରୁ ଏକ ସୁସଜ୍ଜିତ ପାଲିଙ୍କିରେ ବରକନ୍ୟାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା ।

## ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ରଥଖଳାରେ ରଥ ନିର୍ମାଣ କାମ ଆରମ୍ଭ

ବୌଦ୍ଧ, ୨୫/୦୫ (ନି.ପ୍ର): ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ରଥଖଳାରେ ରଥ ନିର୍ମାଣ କାମ ଆଜି ଠାରୁ ଆରମ୍ଭ ହୋଇଛି । ଆଗାମୀ ରଥଯାତ୍ରା ନିମନ୍ତେ ବୌଦ୍ଧର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ତିନି ଠାକୁର ରଥଯାତ୍ରା ଦିନ ଗୋଟିଏ ରଥରେ ମାଉସିମା ଘରକୁ ଯାଇଥାନ୍ତି । ବୌଦ୍ଧ ଶ୍ରୀଜଗନ୍ନାଥଙ୍କ ରଥ ଅଭଙ୍ଗ ରଥ ଭାବେ ମଧ ପ୍ରସିଦ୍ଧି ଲାଭ କରିଛି । ଏହି ରଥ କେବେ ଭଂଗା ଯାଏ ନାହିଁ । ଶତାଧିକ ବର୍ଷ ପୁରୁଣା ରଥ ପ୍ରତିବର୍ଷ ମରାମତି କରାଯାଇଥାଏ । ନଷ୍ଟ ହୋଇଯାଇଥିବା କିମ୍ବା ଦୁର୍ବଳ ହୋଇଯାଇଥିବା ରଥର ବିଭିନ୍ନ ଅଂଶକୁ ନିର୍ମାଣ କରାଯାଇ ଲଗାଯାଇଥାଏ । ଆଜି ରଥର ମୁଖ୍ୟ ମହାରଣା ପ୍ରକାଶ ବାରିକ ରଥଖଳା ଓ ରଥ ର ପୂଜାଅର୍ଚ୍ଚନା କରିବା ପରେ ରଥନିର୍ମାଣ କାମ ଆରମ୍ଭ ହୋଇଛି । ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଜିଲା ଜଙ୍ଗଲ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥାଏ । ରଥ ନିର୍ମାଣ କାମରେ ମୁଖ୍ୟ ମହାରଣାଙ୍କ ସମତେ ୧୨ ଜଣରୁ ଅଧିକ ମହାରଣା ନିୟୋଜିତ ହୋଇଛନ୍ତି । ରଥ ନିର୍ମାଣ କମିଟିର ସଦସ୍ୟ ନିବାସ ଚନ୍ଦ୍ର ଦାନୀ, ବିଜୟ ମିଶ୍ର, ଦେବରଂଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ।

# କୋଟପାଡ଼ରେ ଚାଷୀକୁ ଗଳା କାଟି ହତ୍ୟା: ସାଇନଟିଫିକ ଟିମର ତଦନ୍ତ

ଜୟପୁର, ୨୫/୦୫ (ନି.ପ୍ର): କୋଟାପାଡ଼ ଥାନା ଅଂହଚଳରେ ଚାଂଚଲ୍ୟ ।ବଡ ତରଗିଆ ଗାଁ ରେ ଜଣେ ଚାଷୀଙ୍କୁ ଗଳା କାଟି ହତ୍ୟା କରିଛନ୍ତି ଦୁର୍ବୃତ ।ନିଜ ଅମଳ ମକା ଫସଲ କୁ ଜଗିବା ପାଇଁ ଖଳା ରେ ସୋଇଥିଲେ ସେ । ବିଳମ୍ବିତ ରାତି ରେ ଦୁର୍ବୃତମାନେ ଏଭଳି କାଣ୍ଡ କରି ଚମ୍ପଟ ମରିଛନ୍ତି ।ସକାଳୁ ରକ୍ତାକ୍ତ ଅବସ୍ଥାରେ ଚାଷୀ ଙ୍କ ଶବ ପଡିଥିବା ଜଣା ପଡିଥିଲା ।ଖବର ପ୍ରଚାର ହେବା ପରେ ମୃତ ଚାଷୀ ଙ୍କ ପରବର ପକ୍ଷରୁ କୋଟପଡ ପୋଲିସ ଥାନା ରେ ଅଭିଯୋଗ କରିଥିଲେ ।ସେପଟେ ସିଂଟିଫିକ ଟିମ ଓ ଅନୁସନ୍ଧାନୀ କୁକୁର କୁ ଡକାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି କୋଟାଡ଼ ଥାନା ଅଧିକାରୀ ଶେଷ ଦେବ ବେହେରା । ମୃତ ବ୍ୟକ୍ତି ଜଣକ ଚାବିଳ ବିଷୋୟୀ । ସେ ଅତି ଶାନ୍ତ ସରଳ ଓ ଅମାୟୀ ବ୍ୟକ୍ତି ।ତାଙ୍କର କାହା ସହିତ କୌଣସି ଶତ୍ରୁତା ବି ନାହିଁ ଏସବୁ ସ୍ୱତ୍ୱେ କେଉଁ ଦୁର୍ବୃତିମାନେ କେଉଁ ଥିପାଇ ଏଭଳି କାଣ୍ଡ ଘଟାଇ ଛନ୍ତି ସେମାନଙ୍କୁ ଧରି ଦୃଢ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ତାଙ୍କ ସ୍ତ୍ରୀ ଦାବି କରିଛନ୍ତି । ଏକ ମାସ ହେବ ତାଙ୍କ ସାନ ବାପା ଘର ସହ କିଛି ଗଣ୍ଡଗୋଳ ଥିଲା ତା ଛଡା ବାହାରେ କୌଣସି ଗଣ୍ଡଗୋଳ ନାହିଁ ବୋଲି ମୃତ ଚବିରଙ୍କ ଭଉଣୀ କହିଛନ୍ତି । ଅନ୍ୟପଟେ ଗ୍ରାମରେ ଜଣେ ନିରୀହ ବ୍ୟକ୍ତି ଙ୍କୁ ଏଭଳି ନୃଶଂସ ଭାବେ ହତ୍ୟା କରିଥିବା ହତ୍ୟା କାରୀ ଙ୍କୁ ତୁରନ୍ତ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ବି ଦାବି କରିଛନ୍ତି । ଚବିଳ ଙ୍କ ମୃତ୍ୟୁ ପରେ ପରିବର ଏବଂ ଗ୍ରାମରେ ଶୋକକୁଳ ପରିବେଶ ଖେଳିଯାଇଛି ।ଘଟଣା ସ୍ଥଳରେ ସାଇନଟିଫିକ ଟିମ ପହଂଚିବା ପରେ ପୋଲିସ ତାର ତଦନ୍ତ ଆରମ୍ଭ କରିଛି ।ଘଟଣା ସ୍ଥଳରୁ ମୃତ ଚାବିଳ ଙ୍କ ଫୋନ କୁ ଜବତ କରିଛି ପୋଲିସ । ଚାବିଳଙ୍କ ପେଟ ରେ ଧାରୁଆ ଅସ୍ତ୍ର ରେ ଭୁଷିବା ପରେ ତାଙ୍କ ଗଳା କୁ କଟା ଯାଇଛି ।ବିଭିନ୍ନ ଦିଗକୁ ନେଇ ପୋଲିସ ପକ୍ଷତାରୁ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି ।

# ସଡ଼କ ସୁରକ୍ଷା ପାଇଁ ସଂସଦୀୟ ନିର୍ବାଚନ ମଣ୍ଡଳୀର ୩ୟ ବୈଠକ

## ସଡ଼କ ସୁରକ୍ଷା କଥା ସପ୍ତାହ କି ପକ୍ଷ ପାଳନରେ ସିମୀତ ନ ରହୁ




ଭଦ୍ରକ, ୨୫/୦୫ (ନି.ପ୍ର): ସଡ଼କ ସୁରକ୍ଷା ଜୀବନ ରକ୍ଷା ଆଧାରରେ ପ୍ରଣୀତ ବିଭିନ୍ନ ଆଇନ୍, ଯୋଜନା ସବୁର କାର୍ଯ୍ୟାନ୍ୱୟନ, ସଚେତନତା କାର୍ଯ୍ୟକ୍ରମ ଆଦି ସମ୍ବନ୍ଧୀୟ ମତାମତ, ଅଭିଯୋଗ ନେଇ ସମୀକ୍ଷା ପାଇଁ ଭଦ୍ରକ ସଂସଦୀୟ ନିର୍ବାଚନ ମଣ୍ଡଳୀର ୩ୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୪.୦୫.୨୦୨୩ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭଦ୍ରକ ଲୋକ ସଭା ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପରିଚାଳନା କରିଥିଲେ। ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜିବ୍ ମଲ୍ଲିକ୍, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ।

ଭଦ୍ରକ ଜିଲ୍ଲାର ସଡ଼କ ସୁରକ୍ଷା ନେଇ ସ୍ଥିତାବସ୍ଥା, ଦୁର୍ଘଟଣା, ମୃତାହତ ସଂଖ୍ୟା ଆଦି ତଥ୍ୟ ସମ୍ବନ୍ଧରେ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁଙ୍କ ଦ୍ୱାରା ବୈଠକରେ ଉପସ୍ଥାପନ ପରେ ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇଥିଲା। ଦୂର୍ଘଟଣା ଓ ମୃତାହତ ହାର ହ୍ରାସ କରିବାକୁ ହେଲେ ଟ୍ରାଫିକ ନିୟମ କଡ଼ାକଡ଼ି କରିବା, ଆଇନ୍ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଆଇନ୍ ସମ୍ବନ୍ଧୀୟ ସଚେତନତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ଏବଂ ଏହି କାର୍ଯ୍ୟକ୍ରମ କେବଳ ସଡ଼କ ସୁରକ୍ଷା ସପ୍ତାହ କି ପକ୍ଷ ପାଳନ ମଧ୍ୟରେ ସିମିତ ନ ରହି ବର୍ଷ ତମାମ୍ ବିଭିନ୍ନ ସମୟରେ ଜାରି ରହିବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଭଦ୍ରକ ଚନ୍ଦବାଲି ରାସ୍ତା ଅଧିକରୁ ଅଧିକ ଦୁର୍ଘଟଣା ପ୍ରବଣ ହେବା ଦୃଷ୍ଟିକୁ ଆସୁଥିବାରୁ ଏହାର ପ୍ରତିକାର ପାଇଁ ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀଯୁକ୍ତ ରାୟ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବ୍ଲାକ ସ୍ପଟ୍ ଭାବେ ଚିହ୍ନଟ ଦୁର୍ଘଟଣା ପ୍ରବଣ ରାସ୍ତାରେ ସିମୀତ ଗତି ସାଇନେଜ୍ ଲଗାଯିବା ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଧିକ ବେଗରେ ଗାଡ଼ି ଚଳନା, ନିଶାସକ୍ତ ଅବସ୍ଥାରେ ଗାଡ଼ିଚଳନା, ବିନା ହେଲମେଟ ଓ ବିନା ସିଟ୍‌ବେଲଟ୍ ରେ ଗାଡ଼ି ଚଳନା, ଗାଡ଼ି ଚଳନା ବେଳେ ମୋବାଇଲ ବ୍ୟବହାର, ବିନା ଡ୍ରାଇଭିଂ ଲାଇସେନ୍ସ୍, ବିନା ସଠିକ୍ କାଗଜ ପତ୍ରରେ ଗାଡ଼ି ଚଳୁରହିବା ଆଦି ଘଟଣାକୁ ରୋକିବା ପାଇଁ ଧରପଗଡ଼ ଠିକ୍ ଭାବେ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହା ବ୍ୟତୀତ ରାସ୍ତା ଉପରେ ଓ ରାସ୍ତା ପାର୍ଶ୍ୱରେ ଭାରୀଯାନ ପାର୍କିଂ, ରାସ୍ତାରେ ବୁଲା ଗାଈ ଗୋରୁ ମାନଙ୍କ ଚଳାଚଳ ନେଇ ସୃଷ୍ଟ ଟ୍ରାଫିକ୍ ସମସ୍ୟା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଜାତୀୟ ରାଜପଥ ପାର୍ଶ୍ୱରେ ଲାଗିଥିବା ବଡ଼ ବଡ଼ ହୋର୍ଡିଂ ସବୁ ଦୁର୍ଘଟଣାର କାରଣ ହେଉଥିବାରୁ ଏଗୁଡ଼ିକର ଉଚ୍ଛେଦ ପାଇଁ ଆଗତ ପ୍ରସ୍ତାବକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଥିଲା। ଭଦ୍ରକ ସହର ମୁଖ୍ୟ ରାସ୍ତାରେ ଗମନାଗମନ ଓ ଯାନବାହନ ଚଳାଚଳ ଉଦ୍ଦେଶ୍ୟରେ ଚିହ୍ନଟ କରାଯାଇଥିବା ଧଳା ଗାର ଅତିକ୍ରମ କରି ଟ୍ରଲିରେ ବ୍ୟବସାୟ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ଅଧ୍ୟକ୍ଷ, ଜିଲ୍ଲାପରିଷଦ, ସଦସ୍ୟ ସଂପୃକ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବରିଷ୍ଠ ଓଏଏସ....

ସେ ଅତିରିକ୍ତ ଭାବେ ପାରାଦୀପ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବେ । ରାଜ୍ୟ ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ବରିଷ୍ଠ ଓଏଏସ୍ ଭବେଶ କୁମାର ନାୟକ ଅତିରିକ୍ତ ଭାବେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଇବେ । ସେହିପରି ଢେଙ୍କାନାଳ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରିଷ୍ଠ ଓଏଏସ୍ ତନ୍ମୟ କୁମାର ଦରଖାନଙ୍କୁ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ , ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଆରତୀ ସାହୁଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି । ସେହିପରି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଦୀନକୃଷ୍ଣ କରଙ୍କୁ ନିଯୁକ୍ତି ମିଳିଛି । ଶ୍ରୀ ଆରୁଖ ବାଚସ୍ପତି ଥିବାବେଳେ ଶ୍ରୀ କର ତାଙ୍କର ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିଲେ । କାମାକ୍ଷାନଗର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ସାହୁଙ୍କୁ ଢେଙ୍କାନାଳ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି । ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଉପସଚିବ ନାରାୟଣ ଚନ୍ଦ୍ର ନାୟକଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳ, ନରେନ୍ଦ୍ର ନାୟକଙ୍କୁ ରାୟଗଡ଼ା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଖାଲ ଚନ୍ଦ୍ର ପରିଡ଼ାଙ୍କୁ ବାରିପଦା ଅତିରିକ୍ତ ଉପଜିଲ୍ଲାପାଳ, ରାଜକିଶୋର ଜେନାଙ୍କୁ ଭୁବନେଶ୍ୱର ମହାନଗର ନିଗମର ଉପକମିଶନର ଓ ଆଲୋକ କୁମାର ଦେହୁରୀଙ୍କୁ ଆଠଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।

## କାଳବୈଶାଖୀ: ଉପକୂଳ....

ଦେବାକୁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ ସରବରାହ ତୁରନ୍ତ ପୁନର୍ବାହାଲ କରିବା, ଗଛ ପଡ଼ିଥିଲେ ଅଗ୍ନିଶମ କର୍ମଚାରୀଙ୍କ ସହାୟତା ନେଇ ରାସ୍ତାଘାଟ ସଫା କରିବା, କାହାରି ଜୀବନହାନୀ ଘଟିଥିଲେ ବା କେହି ଆହତ ହୋଇଥିଲେ ରିପୋର୍ଟ ଦେବା, ଝଡ଼ରେ ଭାଙ୍ଗିଥିବା ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଛି। ଆଠଗଡ଼ ରାଜନଗର ଛକରେ ଥିବା ମହାରାଜା ହୋଟେଲରେ ଲୋକ ବସି ଖାଉଥିବା ବେଳେ ଝଡ଼ରେ ଟିଣ ଛପର ୨ଶହ ମିଟର ସମ୍ପୂର୍ଣ୍ଣ ଉଡ଼ି ଯାଇଥିଲା। ଫଳରେ ହୋଟେଲ ସମସ୍ତ ଖାଦ୍ୟ ନଷ୍ଟ ହେବା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ପାଖରେ ଥିବା ଅଞ୍ଜଳି ହୋଟେଲର ମଧ୍ୟ ପାଚେରୀ ଭାଙ୍ଗି ପଡିଛି। ସେହିପରି ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରେ ଝଡ଼ ବର୍ଷାରେ ବହୁ ନଡ଼ିଆ, ଗୁଆ, କଦଳି, ଆମ୍ବ ପ୍ରଭୃତି ଗଛ ଭାଙ୍ଗିଛି। ଚାଳ ଛପର ଓ ଆଜବେଷ୍ଟସ୍ ଛପର ଉଡ଼ାଇ ନେଇଥିବାରୁ ଲୋକେ ଖୋଲା ଆକାଶ ତଳେ ଜୀବନ ବିତାଇବାକୁ ବାଧ ହୋଇପଡ଼ିଛନ୍ତି। ଝଡ଼ତୋଫାନ ପ୍ରଭାବରେ ପୁରୀ-ଭୁବନେଶ୍ୱର ରାସ୍ତାର ପିପିଲି ନିକଟ ରାଜପଥରେ ବିଦ୍ୟୁତ ତାର ଛିଣ୍ଡି ପଡ଼ିବାରୁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶତାଧିକ ଦୁଇଚକିଆ, ୪ ଚକିଆ ଯାନ ଅଧାରେ ଅଟକି ରହିଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିବା ଯୋଗୁ ଜିଲ୍ଲାର ବହୁ ପଞ୍ଚାୟତ ଅନ୍ଧାରରେ ରହିଛି। ଲୋକଙ୍କୁ ତତ୍କାଳ ବିଦ୍ୟୁତ୍ ସେବା ମିଳିପାରିନି। ସେପଟେ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ। ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା, ଢେଙ୍କାନାଳ, କନ୍ଧମାଳ, ନବରଙ୍ଗପୁର ସହ ପଶ୍ଚିମ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀରରେ କାଳବୈଶାଖୀ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। କାଳବୈଶାଖୀ ବର୍ଷା ଯୋଗୁ ଆଜି ଅପରାହ୍ନରେ ଉପକୂଳ ଥଣ୍ଡା ହୋଇଥିଲେ ହେଁ ପଶ୍ଚିମ ଓଡ଼ିଶାରେ ତାତିର ପାରଦ ଥମିବାର ନାଁ ଧରୁନି। ତେଣୁ ଲୋକେ କଲବଲ ହେଉଛନ୍ତି। ଆଜି ୪୨ ଡିଗ୍ରୀ ଟପିଛି ୫ ସହରର ତାତି। ୪୨.୮ ଡିଗ୍ରୀ ସହ ତାଳଚେର ସବୁଠୁ ଉତ୍ତପ୍ତ ସ୍ଥାନ ହୋଇଛି। ସମ୍ବଲପୁରରେ ୪୨.୭, ନୂଆପଡ଼ାରେ ୪୨.୪, ଝାରସୁଗୁଡ଼ାରେ ଓ ସୁନ୍ଦରଗଡ଼ରେ ୪୨.୨, ବୌଦ୍ଧରେ ୪୧.୬, ସୋନପୁରରେ ଓ ରାଉରକେଲାରେ ୪୧.୪, ବରଗଡ଼ ଓ ଅନୁଗୋଳରେ ୪୧.୨, ବଲାଙ୍ଗିର ଓ ହିରାକୁଦରେ ୪୧.୧, ନୟାଗଡ଼ରେ ୪୦.୫, ଭୁବନେଶ୍ୱରରେ ୪୦.୨, କଟକରେ ୩୮.୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ସିବିଆଇ ନିର୍ଦ୍ଦେଶକ....

ନରେନ୍ଦ୍ର ମୋଦି, ଚିଫ୍ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଏବଂ ଲୋକସଭାର ବିରୋଧୀ ଦଳ ନେତା ଉପସ୍ଥିତ ଥିଲେ । ପ୍ରବୀଣ ସୁଦଙ୍କ ବ୍ୟତୀତ ମଧ୍ୟପ୍ରଦେଶ ଡିଜିପି ସୁଧୀର ସାକ୍ସେନା ଏବଂ ବରିଷ୍ଠ ଆଇପିଏସ ଅଧିକାରୀ ତାଜ୍ ହାସନଙ୍କୁ ମଧ୍ୟ ଚୟନ କରାଯାଇଥିଲା। ୧୯୮୬ ବ୍ୟାଚରେ ଆଇପିଏସ ଅଫିସର ହେଉଛନ୍ତି କର୍ଣ୍ଣାଟକ ପୁଲିସ ଡିଜି ପ୍ରବୀଣ ସୁଦ୍। ୟୁପିଏସି କ୍ଲିୟର କରିବା ପରେ ୧୯୮୯ରେ ମହୀଶୂରରେ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଟ୍ ଅଫ୍ ପୁଲିସ ଭାବେ ନିଯୁକ୍ତି ପାଇଥିଲେ। ପରେ କର୍ଣ୍ଣାଟକ ରାଇଚୁର ଓ ବଲେରୀ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ପରେ କାର୍ଯ୍ୟଦକ୍ଷତା ପାଇଁ ତାଙ୍କୁ ବେଙ୍ଗାଲୁରୁ ପୁଲିସ ଡେପୁଟି କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା। ପରେ ୧୯୯୯ ମସିହାରେ ୩ବର୍ଷ ପାଇଁ ମୋରିସସ୍ ଡେପୁଟେସନ ଯାଇଥିଲେ । ୨୦୦୪ ରୁ ୨୦୦୭ ପର୍ଯ୍ୟନ୍ତ ମହୀଶୂର ପୁଲିସ କମିଶନର ଭାବେ ଦାୟିତ୍ୱ ତୁଲାଇଛନ୍ତି । ଏହି ସମୟରେ ସେ ପାକିସ୍ତାନ ଲିଙ୍କ୍ ଓ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ବଡ଼ ପ୍ରହାର କରିଥିଲେ। ଏହାପରେ ୨୦୧୧ରେ ତାଙ୍କୁ ବେଙ୍ଗାଲୁରୁ ଅତିରିକ୍ତ ଟ୍ରାଫିକ୍ ପୋଲିସ ଦାୟିତ୍ୱ ଦିଆଯାଇଥିଲା । ପ୍ରବୀଣ ସୁଦ୍ କର୍ଣ୍ଣାଟକ ଗୃହ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀ ଏବଂ କର୍ଣ୍ଣାଟକ ଏଡିଜିପିରେ କାର୍ଯ୍ୟ କରିଛନ୍ତି। କାର୍ଯ୍ୟଦକ୍ଷତା ଓ ଆଇଶୃଙ୍ଖଳା ପାଇଁ ପ୍ରବୀଣ ସୁଦ୍ ପୁରସ୍କୃତ ମଧ୍ୟ ହୋଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଠାରୁ ତାଙ୍କୁ ଗୋଲ୍ଡ ମେଡାଲ ମିଳିଛି । ସେହିପରି ୨୦୦୨ରେ ମୋରିସସରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି ଏବଂ ୨୦୧୧ରେ ପୁଲିସ ମେଡାଲ ମିଳିଛି। କର୍ଣ୍ଣାଟକ ରାଜନୈତିକ ସଂକଟ ସମୟରେ ପ୍ରବୀଣ କୁମାର ଚର୍ଚ୍ଚାକୁ ଆସିଥିଲେ । ବିଜେପି ସରକାର ଇସାରାରେ କାମ କରୁଥିବା କଂଗ୍ରେସ ନେତା ଡିକେ ଶିବକୁମାର ଅଭିଯୋଗ କରିଛନ୍ତି । ପ୍ରବୀଣଙ୍କୁ ଗିରଫ କରିବାକୁ ମଧ୍ୟ ଦାବି କରିଥିଲେ । କଂଗ୍ରେସ ନେତାଙ୍କ ବିରୋଧରେ ୨୫ଟି ମାମଲା ରୁଜୁ କରିଛନ୍ତି କର୍ଣ୍ଣାଟକ ପୋଲିସ ଡିଜି ପ୍ରବୀଣ ସୁଦ୍ ।


Admission open Admission open



Vivekananda Vedamatee School

Manikhamb, Balasore

COR NO- VVSGBM/164/2022
Session - 2023-24
Pre Nursery to Class Viii.

New Admission Starts for the session 2022-23 from dt. 20/01/2023 to onwards.

Asper 12(i) (c) of Right to Children to free and compulsory Education Act 2009 aapplicants are invites from the children belonging to weaker section and disadvantaged groups for admission with 25% seats reserved in the said classes.

Principal
Vivekananda Vedamatee School
Balasore

Contact:- 9776359011, 9439190950


### ଫକୀର ମୋହନ ବିଦ୍ୟାମନ୍ଦିରର ନବମତମ ବାର୍ଷିକୋତ୍ସବ

ପୁରୀ, ୨୫/୦୫ (ନି.ପ୍ର): ଦେବୀଘାଟ ସ୍ଥିତ ତାରା ଟ୍ରଷ୍ଟର ନିଜସ୍ୱ ବାସ ଗୃହରେ ଫକୀର ମୋହନ ବିଦ୍ୟାମନ୍ଦିରର ନବମ ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଧାରମଣ ଟ୍ରଷ୍ଟର ସଂପାଦକ ଗୁରୁଚରଣ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ବେଦାନ୍ତ ସେବା ସମିତିର ବାଲ ସଂସ୍କାର ବିଭାଗର ମୁଖ୍ୟ ଗିରିଶ ଚନ୍ଦ୍ର ଦାସ ଓ ଆଇନଜୀବୀ ମନୋଜ କୁମାର ମହାପାତ୍ର ଉପସ୍ଥିତ ରହି ପିଲାମାନେ ଭଲ ପାଠ ପଢିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ତାରା ଟ୍ରଷ୍ଟର ଅଧ୍ୟକ୍ଷ ତଥା ସ୍କୁଲର ସଭାପତି ଅଭୟ କୁମାର ରାଉତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ତାରା ଟ୍ରଷ୍ଟ ଓ ସ୍କୁଲର ସଂପାଦିକା ରେବତୀ ରାଉତ ଅତିଥି ଭାବେ ଉପସ୍ଥିତ ରହି ପିଲାମାନଙ୍କ ଭବିଷ୍ୟତ ତଥା ସ୍କୁଲର ଉନ୍ନତି ଦିଗରେ ଅଭିଭାଷଣ ରଖିଥିଲେ । ଫକୀର ମୋହନ ବିଦ୍ୟାମନ୍ଦିର ପରିସରରେ ଅତିଥିମାନଙ୍କ ଦ୍ୱାରା ଏକ ନୂତନ ଅନୁଷ୍ଠାନ ଜ୍ଞାନ ମନ୍ଦିର ଶୁଭାରମ୍ଭ କରାଯାଇଥିଲା ।

# ମୟୂରଭଞ୍ଜ ଜିଲ୍ଲାପରିଷଦର ପଞ୍ଚମ ବୈଠକ




ବାରିପଦା, ୨୫/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ପରିଷଦ ର ୫ମ ବୈଠକ ଆଜି ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଡ଼. ବୁଧାନ ମୁର୍ମୁ, ଜିଲ୍ଲପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦୌଲତ ଚନ୍ଦ୍ରକାର ପ୍ରମୁଖ ଙ୍କ ସମେତ ଜିଲ୍ଲା ପରିଷଦ ର ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଜିଲ୍ଲାରେ ଜନସାଧାରଣ ଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରେ କାଯ୍ୟକାରି କରାଯାଇଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କ ରେ ଆଲୋଚନା କରିଥିଲେ। ଏହି ଅବସର ରେ ଯଶିପୁର ଜିଲ୍ଲା ପରିଷଦ ୪୨ ନମ୍ବର ଜୋନ ରୁ ନବ ନିର୍ବାଚିତ ସଦସ୍ୟା ସୁଜାତା ହୋ ଙ୍କୁ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ. ସହିତ ଜିଲ୍ଲା ରେ ହୋଇଥିବା କିଛି ଉନ୍ନତି ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜିଲ୍ଲାପାଳ ସମସ୍ତଙ୍କୁ ଅବଗତ କରିଥିଲେ । ଫାଇଭ -ଟି ଆଧାର ରେ ଆମ ଜିଲ୍ଲା ରେ ପ୍ରାୟ ୫୦୦ ହାଇସ୍କୁଲ ରୂପାନ୍ତରିତ ହୋଇସାରିଲାଣି, ସେହିପରି ଖୁବଶୀଘ୍ର ଜିଲ୍ଲା ରେ ୯ ଗୋଟି ଡାକ୍ତରଖାନା ରୂପାନ୍ତର ହେବାକୁ ଯାଉଛି ଏବଂ ରଙ୍ଗାମାଟିଆ ଠାରେ ମେଡିକାଲ କଲେଜର ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବା, ଆମ ବସଷ୍ଟାଣ୍ଡ ଯୋଜନାରେ ପ୍ରତି ବ୍ଲକରେ ଅତ୍ୟକ୍ଷଧୁନିକ ବସ ଷ୍ଟାଣ୍ଡ ପ୍ରତିଷ୍ଠା ହେବା, ଲକ୍ଷ୍ମୀ ଯୋଜନା ରେ ପ୍ରତି ପଂଚାୟତ ରୁ ବ୍ଲକ କୁ ଏବଂ ବ୍ଲକ ରୁ ସଦର ମହକୁମା କୁ ଆମ ବସ ର ଗମନାଗମନ ଇତ୍ୟାଦି ଅନେକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ଜିଲ୍ଲା ପାଳ ସୂଚନା ଦେଇଥିଲେ। ପ୍ରଥମେ ଗତ ଜିଲ୍ଲା ପରିଷଦ ବୈଠକ ରେ ସଭ୍ୟସଭ୍ୟା ମାନଙ୍କ ଦ୍ୱାରା ଉତଥାପିତ ଆପତ୍ତି ଅଭିଯୋଗ ଓ ପ୍ରସ୍ତାବ ଆଦି ବିଷୟ କ୍ରମରେ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅନୁପାଳନ ବିବରଣୀ ଉପରେ ସମୀକ୍ଷା ମୂଳକ ଆଲୋଚନା ପୂର୍ବକ ଦୃଢ଼ୀକରଣ କରାଯିବା ପରେ ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ, ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମଧ୍ୟମ ଜଳ ସେଚନ, ଜଳ ବିଭାଜନ କୃଷି, ଉଦ୍ୟାନ କୃଷି, ସୁବର୍ଣ୍ଣରେଖା ଓ ଦେଓ ସେଚନ, ସାଧାରଣ ବଣ୍ଟନ, ସମ୍ବନ୍ଧିତଆଦିବାସୀ କଲ୍ୟାଣ, ସେରିକଲଚର, ଜିଲ୍ଲା ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା ଆଦି ବିଭିନ୍ନ ବିଭାଗ ଯୋଜନା ଅନ୍ତର୍ଗତ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାରୀ କାର୍ଯ୍ୟକ୍ରମ ସମ୍ପର୍କ ରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା. ଶେଷରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋର୍ଦ୍ଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଖୋର୍ଦ୍ଧା, ୨୫/୦୫ (ନି.ପ୍ର): ଆଜି ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ରେ ପୂର୍ବାହ୍ନ ୧୧.୦୦ ଟା ରେ ଅନୁଷ୍ଠିତ ହୋଇ ଯାଇଛି. ଏଥିରେ ଜିଲ୍ଲପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ସାଫଲ୍ୟ ମଣ୍ଡିତ ପ୍ରଧାନ ବୈଠକରେ ସ୍ୱାଗତ ଭାଷଣ ରଖିବା ସଂଗେ ସଂଗେ ବୈଠକ ପରିଚାଳନା ମଧ୍ୟ କରଥିଲେ. ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ମାନ୍ୟବର ବିଧାୟକ, ଖୋର୍ଦ୍ଧା, ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ, ବେଗୁନିଆ ରାଜେନ୍ଦ୍ର କୁମାର ସାହୁ, ମାନ୍ୟବର ବିଧାୟକ, ଚିଲିକା ନିର୍ବାଚନ ମଣ୍ଡଳୀ, ପ୍ରଶାନ୍ତ କୁମାର ଜଗଦେବ , ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ଗୋପୀନାଥ ମହାରଣା, ଜିଲ୍ଲା ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଦିଗନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକ ରେ ଏଜେଣ୍ଡା ଅନୁସାରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପ୍ରଥମେ ବନ୍ୟା ବାତ୍ୟା ର ମୁକାବିଲା ପାୟନ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଜିଲ୍ଲାର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ / ଉପ -ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ / ସମସ୍ତ ତହସିଲଦାର ଙ୍କ କାର୍ଯ୍ୟାଳୟ / ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ମେ ମାସ ପ୍ରଥମ ଦିବସ ଠାରୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଲୁ ରହିବା ପାଇଁ ସ୍ଥିର କରାଇଥିବାର ଉପସ୍ଥାପନା କରାଯାଇଥିଲା। ଜିଲ୍ଲା ନିୟନ୍ତ୍ରଣ କକ୍ଷ ର ଫୋନ ନମ୍ବର ୦୬୭୫୫୨୨୦୦୦୨ ଏବଂ ଜରୁରୀ କାଳୀନ ଉପ - ବିଭାଗର ଟୋଲ ଫ୍ରି ନମ୍ବର ୧୦୭୭ ଙ୍କୁ ଜରୁରୀ କାଳୀନ ବାର୍ତ୍ତା ପ୍ରଦାନ କରାଯାଇପାରିବ ବୋଲି ତଥ୍ୟ ପ୍ରଦାନ କରାଯାଇଥିଲା। ବର୍ଷାଜଳ ପରିମାପକ କେନ୍ଦ୍ର ମରାମତି ଓ ନିର୍ଦ୍ଦିଷ୍ଟ ସମୟରେ ବୃଷ୍ଟିପାତ ବିବରଣୀ ପ୍ରେରଣ ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ସେହିପରି ବିଧାୟକ ମାନେ ରାଜୁଆ ଏବଂ ଶାଳିଆ ନଦୀ ବନ୍ଧ ବିଷୟରେ ବିଭିନ୍ନ ଯନ୍ତ୍ରୀ ମାନଙ୍କୁ ତାଗିଦ କରିଥିଲେ। ପୋତିହୋଇଯାଇଥିବା ଡ୍ରେନେଜ ଗୁଡିକର ଖୋଳେଇ କରି ପରିଷ୍କାର କରାଯିବାକୁ ତ୍ୱରାନ୍ୱିତ କରଥିଲେ। ଚେକ ଡାମ ଗୁଡିକର ମରାମତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରା ଯାଇଥିଲା। ଦୁର୍ବଳ ନଦୀବନ୍ଧ ଓ କେନାଲ ବନ୍ଧ ର ଯୁଗ୍ମ ତଦନ୍ତ ଓ ଜଳସେଚନ ବିଭାଗର ଅଧିକାରୀ ମାନେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ନେଇଥିବା ଆଗୁଆ ପଦକ୍ଷେପ ତଥା ଏଥି ପାଇଁ ଆବଶ୍ୟକ ଆର୍ଥିକ ଅନୁଦାନର ଆକଳନ କରାଯାଇଥିଲା। ବନ୍ୟା ଓ ବାତ୍ୟା ପ୍ରବଣ ଅଂଚଳରେ ଅସ୍ଥାୟୀ ଆଶ୍ରୟ ସ୍ଥଳ -୩୮୦ ଟି ଏବଂ ୫୦ ଟି ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ କରା ଯାଇଥିବା, ଏବଂ ଆଶ୍ରୟ ସ୍ଥଳୀ ଗୁଡିକୁ ଦିଆ ଯାଇଥିବା ଉପକରଣ ଗୁଡିକ ଯଥା ଆସ୍କାଲାଇଟ, **chain saw** ଗୁଡିକ ନିକଟସ୍ଥ ଅଗ୍ନିଶମ ବିଭାଗ ଙ୍କୁ ହସ୍ତାନ୍ତର, ଆଶ୍ରୟସ୍ଥଳୀ ମାନଙ୍କରେ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ଏବଂ ରନ୍ଧା ଖାଦ୍ୟ ଓପିଇବା ପାଣି ର ବ୍ୟବସ୍ଥା, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ପୌରାଞ୍ଚଳ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହାଛଡା ସ୍ୱତନ୍ତ୍ର ରିଲିଫ କମିଶନ ରଙ୍କ ୮ ଟି ପାୱାର ବୋଟ ମଧ୍ୟରୁ ୩ଟି ବାଲି ପାଟଣା /୨ଟି ବାଲିଅନ୍ତା ୨ଟି ଖୋର୍ଦ୍ଧା ଏବଂ ୧ଟି ଜଟଣୀ ବ୍ଲକରେ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯାଇଛି। ବନ୍ୟାଞ୍ଚଳରେ କୃଷି କାର୍ଯ୍ୟ ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ / ସ୍ୱାସ୍ଥ୍ୟ ବିଭାଗ / ପଶୁ ଚିକିତ୍ସା ବିଭାଗ ଙ୍କୁ ସତର୍କ ପଦକ୍ଷେପ, ରିଲିଫ ର ସୁପରିଚାଳନା ପାଇଁ ତାଲିମ ବ୍ୟବସ୍ଥା, ରିଲିଫ ଦଳ ଗଠନ, ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ଭୂମିକା, ଘଉଜର/ଓଡ୍ରାଫ ଟିମ ଙ୍କୁ ବ. ଡ଼. ଓ ମାନେ ଡିଜେଲ ଯୋଗାଇଦେବକୁ ପରାମର୍ଶ ଦେଇଥିଲେ। ଏହି ବୈଠକ ରେ ସିଡିଏମଓ, ଆର୍ତ୍ତବନ୍ଧୁ ନାୟକ, ଡିଏସଡବ୍ଲୁଓ, ଡିସିପିଓ,ବାଣିଶ୍ରୀ ପଟ୍ଟନାୟକ, ଏଆରଟିଓ, ଅରବିନ୍ଦ ଚୌଧୁରୀ, ବିଡିଓ , ଖୁରାଦ୍ଧି ତନୟା ସାହୁ ଡିଆଇପିଆରଓ, ଜ୍ୟୋସ୍ନା ମୟୀ ଆଚାର୍ଯ୍ୟ,ବିଭିନ୍ନ ବିଭାଗ ର ଅଧକାରୀ, କ୍ଷେତ୍ର ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। **DY. Collector**,ମମତା ସାହୁ ବୈଠକ ପରିଚାଳନା ରେ ସାହାଯ୍ୟ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରାଯାଇଥିଲା।

ଶୁକ୍ରବାର, ମଇ ୨୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କେନ୍ଦୁଝରରେ ଦନ୍ତାହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ : ଆତଙ୍କିତ ଅଂଚଳବାସୀ

କେନ୍ଦୁଝର , ୨୫/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଥମୁନି ହାତୀ ଉପଦ୍ରବ । ବିଶେଷ ଭାବେ ତେଲକୋଇ ଅଂଚଳରେ ପ୍ରାୟତଃ ସବୁବେଳେ ହାତୀ ଉପଦ୍ରବ ଲାଗି ରହିଛି । ଇତି ମଧ୍ୟରେ ତେଲକୋଇ ଅଂଚଳରେ ମାତିଥିବା ଗୋଠଛଡା ଦନ୍ତା ହାତୀର ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ସମଗ୍ର ଅଂଚଳରେ ତୀବ୍ର ଅସନ୍ତୋଷ ଲାଗି ରହିଛି । ନିଜ ଆମ୍ବ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବା ଜଣେ ମହିଳାଙ୍କୁ ଗୋଠରୁ ଅଲଗା ହୋଇ ବୁଲୁଥିବା ଦନ୍ତା ହାତୀଟି କଚାଡି ମାରି ଦେଇଛି । ଏହି ଘଟଣା କେନ୍ଦୁଝର ବନଖଣ୍ଡ ର ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ବିଟ୍ ଅଧିନସ୍ଥ ବନବିହାରୀପୁର ଗ୍ରାମରେ ଘଟିଛି । ପ୍ରାପ୍ତ ସୂଚନାନୁଯାୟୀ ଏହି ଂଚଳରେ ଗତକାଲି କାଳ ବୈଶାଖୀ ପବନ ହୋଇଥିବା ବେଳେ ଆଜି ସକାଳୁ ସକାଳୁ ଗ୍ରାମର ଦ୍ରୌପଦୀ ନାୟକ ତାଙ୍କ ନିଜର ଆମ୍ବ ତୋଟାକୁ ଯାଇ ଆମ୍ବ ଗୋଟାଉ ଥିବା ବେଳେ ତାଙ୍କ ଅଜାଣତରେ ତାଙ୍କ ପଛପଟୁ ହଠାତ୍ ଦନ୍ତା ହାତୀଟ ଆସି ଆକ୍ରମଣ କରିଥିଲା । ଏବଂ ଦ୍ରୋପଦୀଙ୍କୁ ଶୁଣ୍ଢରେ ଟେକି ନେଇ ବାରମ୍ବର କଚାଡି ଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ଆମ୍ବ ଗୋଟାଇବାକୁ ଯାଇଥିବା ଅନ୍ୟ ଲୋକମାନେ ପାଟି କରିବାରୁ ହାତୀଟି ଦ୍ରୋପଦିଙ୍କୁ ଛାଡି ଚାଲି ଯାଇଥିଲା । ଲୋକମାନେ ସଙ୍ଗେ ସଙ୍ଗେ ଦ୍ରୋପଦୀ ଙ୍କୁ ଗାଁକୁ ବୋହି ଆଣିଥିଲେ । ଦ୍ରୌପଦୀ କାଳେ ବଂଚି ଯାଇଥିବ ସେହି ଆଶାରେ ଗାଁ ଲୋକମାନେ ଆମ୍ବୁଲାନ୍ସକୁ ଡାକିବା ସହ ବନ ବିଭାଗକୁ ମଧ୍ୟ ଖବର ଦେଇଥିଲେ । ଆମ୍ବୁଲାନ୍ସ ରେ ଦ୍ରୌପଦୀକୁ ମେଡିକାଲ ନିଆଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ପ୍ରଥମ ପ ଯ୍ୟାୟରେ ୬୦ ହଜାର ଟଙ୍କା ଦିଆଯାଇଛି । ବନ ବିହାରପୁର ଅଂଚଳରେ ଏବେ ଏକ ୧୫ ଟିକିଆ ହାତୀପଲ ରହିଥିବାର ଡଣା ପଡିଛି ।

# ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ



ଉଦଳା , ୨୫/୦୫ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ -୩ ର ବାସିନ୍ଦା ସ୍ୱର୍ଗତ ବୁଧିଆ ମୁର୍ମୁଙ୍କ ପୁତ୍ର କହ୍ନେଇ ଦିନ ମଜୁରୀଆ ଭାବରେ କାମ କରି କୁଟୁମ୍ବ ସମ୍ଭାଳୁଥିଲା । କିଛି ଦିନ ପୂର୍ବେ କହ୍ନେଇ ଏକ ଅଜଣା ରୋଗରେ ଆକ୍ରାନ୍ତ ହେବା ଫଳରେ ତାଙ୍କର ଦୁଇଟି ଯାକ ଗୋଡ଼ ଅଚଳ ହୋଇଗଲା । ସେ ଆଦୌ ଚାଲବୁଲ କରିପାରିଲେ ନାହିଁ । ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ତାଙ୍କୁ ଭତ୍ତା ଓ ଚାଉଳା ପ୍ରଦାନ କରାଯାଉଛି । ତେବେ ଚାଲବୁଲ ପାଇଁ ସେ ଏକ ସାଇକେଲ ଯୋଗାଇ ଦେବାକୁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଗୁହାରୀ ଜଣାଇଥିଲେ । ତେବେ ଆଜି ମଇ ୨୫ ତାରିଖ ଗୁରୁବାର ଦିନ ନଗର ପାଳ ପ୍ରମିଳା ପଣ୍ଡା, ୱାର୍ଡ ନଂ-୩ ର କାଉନସିଲର ବିଶ୍ୱରଂଜନ ମୋଦିଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ସଂଜୟ ପାଢ଼ୀ ଓ ମହେନ୍ଦ୍ର ବେହେରା କହ୍ନେଇର ଘରକୁ ଯାଇ ଏକ ସାଇକେଲ ପ୍ରଦାନ କରିଥିବାର ଜଣାଯାଇଛି ।

# ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିୟାଡ ପ୍ରତିଯୋଗିତା ଅନୁଷ୍ଠିତ

## ରାଜ୍ୟସ୍ତରରେ ଯୋଗଦେବେ ୧୪ କୃତି କ୍ରୀଡାବିତ୍



ମୟୂରଭଂଜ, ୨୫/୦୫ (ନି.ପ୍ର): ମୟୂରଭଂଜ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରିଙ୍କ ମାର୍ଗଦର୍ଶନରେ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୪ ଓ ୧୬ ବର୍ଷରୁ କମ୍ ଉଭୟ ବାଳକ ବାଳିକା ବର୍ଗର ଜିଲ୍ଲାସ୍ତରୀୟ ଯୋଗ ଅଲିମ୍ପିୟାଡ ପ୍ରତିଯୋଗିତା, ୨୦୨୩ ବାରିପଦା ସ୍ଥିତ ଏମ.କେ.ସି. ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁବାଳା ମହାନ୍ତଙ୍କ ପୌରହିତରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନିୟର ରେଡ୍‌କ୍ରସର ରାଜ୍ୟ ସାଧନ କର୍ମୀ ତଥା ଯୋଗଗୁରୁ ଡ. ରମାକାନ୍ତ ମହାନ୍ତ ଯୋଗ ଦେଇ ଯୋଗାସନର ମହତ୍ୱ ବିଷୟରେ କହିଥିଲେ। କ୍ରୀଡା ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଶିକ୍ଷକ ଜ୍ୟୋତିରନ ଦାସ, ସରୋଜ ରାମ, ମନୋଜ ରାମ, ଯୋଗ ଶିକ୍ଷୟତ୍ରୀ ମୋନା ଦାସ, ମିତାକ୍ଷୀ ମହାନ୍ତି, ହିମାନୀ ପାତ୍ର ଯୋଗ ଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ, ମନୋରନ ମହାନ୍ତ, ସୋନାଲି ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ୧୪ ଜଣ କୃତି ପ୍ରତିଯୋଗୀମାନେ ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଠାରେ ସହିଦ୍ ମମତାଜ୍ ଅଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଚଳିତ ମେ ମାସ ୨୫ ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିୟାଡ ପ୍ରତିଯୋଗିତାରେ ଯୋଗଦେବେ। ବାଳକ ଟିମ୍ ମ୍ୟାନେଜର ଭାବେ ପ୍ରଦୀପ ଚୌଧୁରୀ, ଟିମ୍ କୋଚ୍ ଜ୍ୟୋତିରନ ଦାସ ଓ ବାଳିକା ଟିମ୍ ମ୍ୟାନେଜର ଶୁଭଶ୍ରୀ ଶୁଭସ୍ମିତା ପରିଡାଙ୍କ ନେତୃତ୍ୱରେ ୧୪ ଜଣ କ୍ରୀଡାବିତ୍ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ କ୍ରିଷ୍ଣା ଦାସ, ଦୟାଲ ବୁଲିଉଲି, ରୁଦ୍ରନାରାୟଣ ଦାସ, ଶୁଭଜିତ୍ କୁଇଲା ଓ ବାଳିକା ବିଭାଗରେ ଗାୟତ୍ରୀ ଦାସ, ପ୍ରତ୍ୟୁଷା ଶୁଭଲକ୍ଷ୍ମୀ। ସେହିପରି ୧୬ ବର୍ଷରୁ କମ୍ ବାଳକ ବିଭାଗରେ ହିମାଂଶୁ ମହାନ୍ତ, ଚିନ୍ମୟ ମହାକୁଡ୍, ସୌମ୍ୟରନ ବଡନାଏକ, ଦୁର୍ଗାଚରଣ ମାର୍ଣ୍ଡି ଓ ବାଳିକା ବିଭାଗରେ ପ୍ରତୀକ୍ଷା ବରାଳ, ସସ୍ମିତା ସିଂ, ଶୁଭସ୍ମିତା ହାଁସଦାଃ, ଦୀପିକା ସୋରେନ। ମୟୂରଭଂଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି।

# ଦୁଃସ୍ଥ ଅସହାୟଙ୍କୁ ଚିକିତ୍ସାପାଇଁ ସହାୟତା



ବାଲେଶ୍ୱର, ୨୫/୦୫ (ନି.ପ୍ର): ଗୋପାଳଗାଁ ଚୁନଭାଟି ଲେନ୍‌ରେ ବାସ କରୁଥିବା ହାଇଦର ଖାନ୍‌ଙ୍କ ଚିକିତ୍ସା ପାଇଁ ଆନ୍ତର୍ଜାତିକ ସଂଗଠନ 'ଗ୍ରୀନ୍ ଜ୍ୟାକ୍‌ପଟ୍' ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଲସେନ୍ ଜଗଦେବଙ୍କ ଦ୍ୱାରା ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ହାଇଦର ଗତ ୨୦୧୮ ମସିହାରେ ଶ୍ରମିକଭାବେ କାର୍ଯ୍ୟ କରୁଥିବାବେଳେ ଏକ ଦୁର୍ଘଟଣାର ଶୀକାର ହୋଇ ମେରୁଦଣ୍ଡରେ ଆଘାତ ପାଇଥିଲେ। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଆଘାତ ଲାଗିଥିବା ସ୍ଥାନରେ ଏକ ଟ୍ୟୁମର ବୃଦ୍ଧିପାଇବା ଫଳରେ ସେ ଶଯ୍ୟାଶାୟୀ ହୋଇଯାଇଛନ୍ତି। ଏହି ଟ୍ୟୁମର ଅପରେସନ୍ ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକ ଥିବାର ଡାକ୍ତର କହିଛନ୍ତି। ଏକ ଦିନମଜୁରିଆ ପରିବାର ହୋଇଥିବାରୁ ସେ କଟକ, ଭେଲୋର ପ୍ରଭୃତି ସ୍ଥାନକୁ ଯାଇ ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁନାହାନ୍ତି। ବାପା ଓ ମାଆଙ୍କ ଦେହାନ୍ତ ପରେ ତାଙ୍କର ଏକମାତ୍ର ସାନଭାଇ ରୋଗାଗ୍ରସ୍ତ ବଡ଼ଭାଇର ଦାୟିତ୍ୱ ବୁଝୁଛନ୍ତି। 'ଗ୍ରୀନ୍ ଜ୍ୟାକ୍‌ପଟ୍' ସଂଗଠନର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେଜ୍, ସଦସ୍ୟା ଉଷାରାଣୀ ମୁଖାର୍ଜୀ, କିରଣ ସାହୁ ଓ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଏହି ଚେକ୍ ପ୍ରଦାନ ବେଳେ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲ୍ଲାପାଳ ହାଇଦରଙ୍କ ଚିକିତ୍ସା ପାଇଁ ରେଡ଼କ୍ରସ୍‌ରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ବଦାନ୍ୟ ବ୍ୟକ୍ତିମାନେ ତାଙ୍କର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଶ୍ରୀ ବେଜ୍ ନିବେଦନ କରିଛନ୍ତି।

# ରଥଯାତ୍ରା ଉପଲକ୍ଷେ ବିଭାଗୀୟ ଅଧିକାରୀଙ୍କ ସମନ୍ୱୟ ବୈଠକ

ନୀଳଗିରି , ୨୫/୦୫ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ନୀଳଗିରି ଉପଖଣ୍ଡସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀଙ୍କ ଏକ ସମନ୍ୱୟ ବୈଠକ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଠାକୁରମହାଲ ଅଧକ୍ଷ ତଥା ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଅଧକ୍ଷତା କରି ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାତାର ସହ ଉପଖଣ୍ଡର ପ୍ରତ୍ୟେକ ବିଭାଗ ନିଜନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବାକୁ ନିବେଦନ କରିଥିଲେ । ଏହି ବୈଠକରେ ବନବିଭାଗ ରଥଯାତ୍ରାରେ ଆବଶ୍ୟକ କରୁଥିବା କାଠ ଯୋଗାଇ ଦେବା, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ରଥଉପଯୋଗ ଯୋଗ୍ୟତା ପ୍ରମାଣପତ୍ର, ରଥରେ ଅବସ୍ଥାନ ବ୍ୟକ୍ତି ବିଶେଷଙ୍କର ତାଲିକା ପ୍ରମାଣପତ୍ର, ମହିଳାରଥ ପରିଚାଳନା ପାଇଁ ବିଡିଓ ଓ ସିଡିପିଓ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ବିଦ୍ୟୁତ ଓ ପାନୀୟଜଳ ନୀରବିଚ୍ଛିନ୍ନ ଯୋଗାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଏଥିସହିତ ବଡଦାଣ୍ଡରେ ଜଳସିଞ୍ଚନ କରିବା ପାଇଁ ଅଗ୍ନିଶମ ସେବା ବିଭାଗ କୁ ଦାଇତ୍ୱ ଦିଆଯାଇଛି । ଆଇନଶୃଙ୍ଖଳା ପୋଲିସ ବିଭାଗ, ଆଶୁ ଚିକିତ୍ସା ନିମନ୍ତେ ଅସ୍ଥାୟୀ ଚିକିତ୍ସାକେନ୍ଦ୍ର ଖୋଲିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଦାଇତ୍ୱ ଦିଆଯାଇଥିବାବେଳେ ସୂଚନାକେନ୍ଦ୍ର ଖୋଲିବା, ରଥଯାତ୍ରା ଓ ବାହୁଡ଼ା ସମୟରେ ମଦଦୋକାନ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଉଭୟ ପୋଲିସ ଓ ଅବକାରୀ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ରଥଯାତ୍ରା ଓ ବାହୁଡ଼ା ସମୟରେ ଅସ୍ଥାୟୀ ପରିସ୍ରାଗାର ଖୋଲିବା ସହ ଶୌଚାଳୟ ଗୁଡିକ ଖୋଲରଖିବା ଯାତ୍ରୀ ପରିବହନ ବ୍ୟବସ୍ଥା, ଯାତ୍ରା ସମୟରେ ହୋଟେଲ ମାନଙ୍କରେ ଆମିଷ ବନ୍ଦ କରିବା ପାଇଁ ପ୍ରଚାର କରିବା ସହ ରଥଦାଣ୍ଡ କୁ ମାଡିଆସିଥିବା ଦୋକାନୀ ମାନଙ୍କୁ ଅପସାରଣ କରିବା ପାଇଁ ନୀଳଗିରି ଏନ ଏ ସି କୁ ଦିଆଯାଇଥିବା ସହ ସିସି ଟିଭି ବ୍ୟବସ୍ଥା, ଯାନବାହାନ ଷ୍ଟାଣ୍ଡ, ଭକ୍ତଙ୍କ ମନୋରଞ୍ଜନ ପାଇଁ ରଥ ଉପରେ ପାଲା ଗାହାଣ ସହିତ ପ୍ରଦର୍ଶନୀ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଉପଖଣ୍ଡର ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅଧକ୍ଷ ତଥା ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ତୃଷାର୍ତ୍ତଙ୍କୁ ଜଳ ଦାନ

ଉଦଳା, ୨୫/୦୫ (ନି.ପ୍ର): ଉଦଳା ସହରର ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହୁଛି । ଫଳରେ ସହର ମଧ୍ୟରେ ପ୍ରଚଣ୍ଡ ରୌଦ୍ର ତାପ ସାଙ୍ଗକୁ ଝାଂ ପବନ ସାଧାରଣ ଜୀବନ ଯାତ୍ରାକୁ ଅସ୍ତବ୍ୟସ୍ତ କରିପକାଉଛି । ଏତିକିବେଳେ ରାସ୍ତାରେ ଯାଉଥିବା ବାଟୋଇ ମାନଙ୍କୁ ଉଦଳା ରୋଟାରୀ କ୍ଲବ ଓ ଇନରହ୍ୱିଲ୍ ତରଫରୁ ମିଳିତ ଭାବରେ ଜଳ, ଦହି, ଥଣ୍ଡାପାନୀୟ ଇତ୍ୟାଦି ଦାନ କରାଯାଉଛି । ଚଳିତ ମଇ ୨୩ ତାରିଖ ମଙ୍ଗଳବାର ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଉଦଳା ରୋଟାରୀ କ୍ଲବର ସଭାପତି ହରେନ୍ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି ।

# ରେମୁଣା ଏନଏସିର ଆବାସ ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ



ବାଲେଶ୍ୱର, ୨୫/୦୫ (ନି.ପ୍ର): ନବଗଠିତ ରେମୁଣା ବିଜ୍ଞାପିତ ଅଂଚଳ (ଏନଏସି)ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକା ପ୍ରସ୍ତୁତିରେ ପାତରଅନ୍ତର ଉଦ୍ୟମ କରାଯାଉଥିବା ନେଇ ଅଭିଯୋଗ ଉଠାଇଛନ୍ତି କେତେକ କାଉନସିଲର। ଏନେଇ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏନଏସିର ୪ ନଂ ୱାର୍ଡ଼ କାଉନସିଲର ଶିବଶଙ୍କର ରାୟ, ୯ ନଂ ୱାର୍ଡ଼ କାଉନସିଲର ମୀନାକ୍ଷୀ ବେହେରା, ୧୩ ନଂ ୱାର୍ଡ଼ କାଉନସିଲର ହେମବତୀ ବେହେରାଙ୍କ ସମେତ କେତେକ ସଚେତନ ବ୍ୟକ୍ତି ଗୁରୁବାର ଜିଲାପାଳଙ୍କୁ ସାକ୍ଷାତ ସହ ଆବାସ ହିତାଧିକାରୀ ତାଲିକା ସମ୍ପର୍କରେ ଅବଗତ କରିଛନ୍ତି। ସେମାନଙ୍କ ଆପତ୍ତି ଅନୁସାରେ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦ ପକ୍ଷରୁ ସମ୍ପ୍ରତି ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଚୟନ ପାଇଁ ପଞ୍ଜୀକରଣ ଓ ଆବେଦନ ପତ୍ର ଗ୍ରହଣ କରାଯାଉଛି। ମାତ୍ର ଆବେଦନ ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରାଯାଇନଥିବା ବେଳେ ଅଦ୍ୟାବଧି ବହୁ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପରିଷଦର କର୍ମଚାରୀଙ୍କ ଦ୍ୱାରା ଏବେ ଆବେଦନପତ୍ର ଓ ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ ଚାଲିଥିବା ବେଳେ ସବୁ ୱାର୍ଡ଼ରେ ଏହା ହେଉନଥିବା ସେମାନେ ଅଭିଯୋଗ କରିଛନ୍ତି। ଏମିତିକି ସକାଳ ଅଫିସ ସମୟରେ ଏହି ଯାଞ୍ଚ କରିବା ପରିବର୍ତ୍ତେ ଗତ ୨୨ ତାରିଖରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଆବେଦନ ପତ୍ରଗୁଡ଼ିକୁ ଯାଞ୍ଚ କରାଯାଉଛି। କିଛି ଅସାଧୁ ବ୍ୟକ୍ତି କାର୍ଯ୍ୟାଳୟରେ ଉପସ୍ଥିତ ରହି ଏହି ଯାଞ୍ଚ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା କାଉନସିଲରମାନେ କହିଛନ୍ତି। ଆକ୍ରୋଶମୂଳକ ଭାବେ ସମ୍ପୃକ୍ତ ବ୍ୟକ୍ତିମାନେ ଲୋକଙ୍କ ଆବେଦନପତ୍ରକୁ ଏପାଖ ସେପାଖ କରିଥିବା ଅଥବା ଯୋଗ୍ୟ ବ୍ୟକ୍ତିଙ୍କୁ ତାଲିକାରୁ ବାଦ ପକାଇବାକୁ ଉଦ୍ୟମ କରିଥାଇ ପାରିନ୍ତି ବୋଲି କାଉନସିଲରମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏନେଇ ବିଜ୍ଞପିତ ଅଞ୍ଚଳ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିରେ ୨୨ ତାରିଖର ଫୁଟେଜ ଯାଞ୍ଚ ପାଇଁ ସେମାନେ ଦାବି କରିଛନ୍ତି। ଏହି ଅବସରରେ କାଉନସିଲରମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ୩ କଲରାପତିରିଆ ବାଘ ଛାଲ ଜବତ: ଜଣେ ଗିରଫ

ରାୟଗଡ଼ା, ୨୫/୦୫ (ନି.ପ୍ର): ରାୟଗଡ଼ା - କୋରାପୁଟ ୩୨୬ ନମ୍ବର ଜାତୀୟ ରାଜପଥର ଜିଲ୍ଲା ସିରିଗୁଡ଼ା ସ୍ୱର୍ଗଧାମ ନିକଟରେ କଲରାପତିରିଆ ବାଘ ଚମଡ଼ା ବିକ୍ରୀ ପାଇଁ ଡିଲ୍ ଚାଲିଥିବା ବେଳେ ସେଠାରେ ଚଢ଼ଉ କରିଛି ଏସଟିଏଫ । ଘଟଣାସ୍ଥଳରୁ ୩ଟି କଲରାପତିରିଆ ବାଘ ଛାଲ ଜବତ ହୋଇଛି । ଘଟଣାରେ ଜଣକୁ ଗିରଫ କରିବା ସହ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ଏସଟିଏଫ । ଅଭିଯୁକ୍ତ ଜଣକ ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅଂଚଳର ଡ଼ମ୍ବରୁ ମାଝି ବୋଲି ଜଣାପଡିଛି । ଅଭିଯୁକ୍ତକୁ ଗିରଫ ପରେ ଏସଡିଜେଏମ କୋର୍ଟରେ ହାଜର କରାଯାଇଛି । ଜବତ ବାଘ ଛାଲ ଗୁଡିକର ଜୈବିକ ପରୀକ୍ଷା ପାଇଁ ଏସବୁକୁ ଡେରାଡୁନ ପଠାଯିବ ବୋଲି ଜଣାପଡିଛି । ଏହି ରାକେଟରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରଖିଛି ଏସଟିଏଫ ।

# ୧୦୩ କେଜି ଗଞ୍ଜେଇ ଜବତ: ୭ ଗିରଫ

ମାଲକାନଗିରି, ୨୫/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ କମଲାପଦର ଘାଟିରୁ ଦୁଇଟି କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଁ କାଲିମେଳା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ଙ୍କ ନେତୃତ୍ୱରେ ପୋଲିସ ଟିମ ଗତକାଲି ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଦୁଇ ଟି କାରରୁ ୧୦୩ କେଜି ଗଞ୍ଜେଇ ଜବତ କରିବା ସହ ଏହି ଚୋରା ଚାଲାଣରେ ତେଲେଙ୍ଗାନା ରାଜ୍ୟର ଜଣେ ପୋଲିସ କନେଷ୍ଟବଳଙ୍କ ସହ ଅନ୍ୟ ୬ ଜଣକୁ ଗିରଫ କରିଥିଲେ। ଅଭିଯୁକ୍ତ ମାନଙ୍କଠାରୁ ଦୁଇଟି ଗାଡି ୬ ଟି ଦାମୀ ଫୋନ, ଏଟିଏ ମ କାର୍ଡ ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# କନ୍ଧମାଳରେ ପୁଲିସ ଓ ମାଓବାଦୀ ଗୁଳିବିନିମୟ ଜାରି: ବିପୁଳ ମାଓ ସାମଗ୍ରୀ ଜବଦ



ଫୁଲବାଣୀ, ୨୫/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଏବଂ ବାଲିଗୁଡ଼ା ଥାନା ଅନ୍ତର୍ଗତ ବୁଢ଼ାନଈର ଦକ୍ଷିଣ ସଂରକ୍ଷଣ ସିନ୍ଧିପଙ୍ଖାଲ ଜଙ୍ଗଲରେ ଗତ ଦୁଇଦିନ ଧରି ମାଓବାଦୀ ଓ ପୁଲିସ ମଧ୍ୟରେ ଛକାପଞ୍ଝା, ଗୁଳି ବିନିମୟ ଜାରି ରହିଛି। କମ୍ବିଂ ଅପରେସନ୍‌ରେ ପୁଲିସ ଏକାଧିକ ମାଓ କ୍ୟାମ୍ପ୍ ଧ୍ୱଂସ କରିବା ସହିତ ବିପୁଳ ମାତ୍ରାରେ ମାଓ ସାମଗ୍ରୀ ଜବତ କରିଛି। ଏସ୍‌ଓଜି ଯବାନଙ୍କ କମ୍ବିଂ ଅପରେସନ୍ ବେଳେ ମାଓବାଦୀ ପୁଲିସ ଉପରକୁ ରକେଟ୍ ଲଞ୍ଚର ଓ ଦେଶୀ ମୋର୍ଟାର ମାଡ଼ କରିଥିଲେ। ଜବାବରେ ପୁଲିସ ମଧ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା। ତେବେ ମାଓବାଦୀଙ୍କ ଗୁଳି ମାଡ଼ରେ ଗଣେଶ୍ୱର ରାଣା ନାମକ ଜଣେ ପୁଲିସ ଗୁରୁତର ଆହତ ହୋଇଛନ୍ତି। ସେହିଭଳି ପୁଲିସ ଗୁଳିରେ ବହୁ ମାଓବାଦୀ ଆହତ ହୋଇ ଜଙ୍ଗଲ ମଧକୁ ଚାଲି ଯାଇଛନ୍ତି ବୋଲି କନ୍ଧମାଳ ଏସ୍.ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ତୁମୁଡ଼ିବନ୍ଧ ଏବଂ ବାଲିଗୁଡ଼ା ଜଙ୍ଗଲରେ ପୁଲିସର କମ୍ବିଂ ଅପରେସନ୍‌କୁ ଆହୁରି ଜୋରଦାର କରାଯାଇଛି ବୋଲି ଏସ୍‌ପି ଶ୍ରୀ ପାତ୍ର କହିଛନ୍ତି। ପୁଲିସ ଅପରେସନ୍‌ରେ ଧ୍ୱସ୍ତ ମାଓ କ୍ୟାମ୍ପରୁ ଗୋଟିଏ ରାଇଫଲ୍, ଦୁଇଟି ଦେଶୀ ବନ୍ଧୁକ, ଗୋଟିଏ ମୋର୍ଟାର, ଗୋଟିଏ ଟିଫିନ୍ ବୋମା, ବିଦ୍ୟୁତ୍ ତାର, ୱାକିଟକି ଚାର୍ଜର, କୁରାଢ଼ି, ଷ୍ଟିଲ୍ ଟିଫିନ୍ ବକ୍ସ, ହାଭରସ୍ୟାକ୍ ପୋଷାକ, ମାଗାଜିନ୍ ପାଉଚ୍, ଔଷଧ, କଣ୍ଟ୍ରାସେପ୍‌ଟିଭ୍, ବ୍ୟାଗ୍, ମାଓ ପୋଷାକ, କମ୍ବଳ, ବେଡ୍‌ସିଟ୍, ମହିଳା ପୋଷାକ, ଖାଦ୍ୟ ସାମଗ୍ରୀ ରହିଛି। କିଛି ଦିନର ନିରବତା ପରେ ମାଓବାହିନୀ କନ୍ଧମାଳ ଜିଲ୍ଲାରେ ବଳଶାଳୀ ହୋଇ ପୁଣି ନିଜର ସ୍ଥିତି ଜାହିର କରିଛି, ଯାହା ପୁଲିସର ମୁଣ୍ଡବିନ୍ଧା ବଢ଼ାଇ ଦେଇଛି।

# ତିନି ରଥର ଦଣ୍ଡା ଫ୍ରେମ୍ ନିର୍ମାଣ କାର୍ଯ୍ୟ ଶେଷ

ପୁରୀ, ୨୫/୦୫ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଶ୍ରୀନଅର ସମ୍ମୁଖ ରଥଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର ସେବାୟତ, କରତିଆ ସେବାୟତ ମାନେ ରଥ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି । ବର୍ତମାନ ସୁଦ୍ଧା ତିନି ରଥର ପଂଚ ଦଣ୍ଡାରେ ଆଗଆଣି ପଛଆଣି ସହ ମୁହାଁଟ ସଂଯୋଗ କରାଯାଉଛି । ଆଗଆଣି ମୁହାଁଟରେ ୫ଟି ସାଲଗୁଜ ଉଠି ନିରାଡ଼ି ପଡିଛି । ପଛଆଣି ମୁହାଁଟ ଦୁଇପଟେ ଦୁଇଟି ସାଲଗୁଜ ଏବଂ ମଝିରେ ତିନୋଟି ଜଳଯନ୍ତ୍ର ଉଠି ତା ଉପରେ ନିରାଡି ପଡିଛି । ତିନି ରଥର ଦଣ୍ଡା ଫ୍ରେମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ରୂପକାର ସେବକ ମାନେ ତିନି ରଥର ସମସ୍ତ ସାଲଗୁଜ ଓ ତିଖଗୁଜରେ ନୃସିଂହ ରୂପ ଖୋଦେଇ ଶେଷ କରିଛନ୍ତି । ଆଜି ତିନି ରଥର ସିଂହାସନରେ ପୂର୍ଣ୍ଣକୁମ୍ଭ, ପଦ୍ମ, ଗଜମାଳ, ଡାଳିଲତା ଖୋଦେଇ କାର୍ଯ୍ୟ ଆରମ୍ଭ ହୋଇଛି । କରତି ସେବକ ମାନେ ପୋଲ ଗୟଳ ଚିରଟ କାର୍ଯ୍ୟ ଜାରୀ ରଖିଛନ୍ତି । ସେହିପରି ଦୋଳବେଦୀ କୋଣ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଚଣାକ କଂଟା ନିର୍ମାଣ ଜାରୀ ରଖିଛନ୍ତି । ଏହାସହ ଅନ୍ୟାନ୍ୟ କଂଟା ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ପୂର୍ବରୁ ତିନି ରଥର ୪୨ ଚକ ଓ ୨୧ ଅଖ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ସାରିବାକୁ ବିଶ୍ୱକର୍ମା ମହାରଣା ମାନେ ପ୍ରୟାସ ଜାରୀ ରଖିଛନ୍ତି । ଜୁନ୍ ୪ ତାରିଖ ସ୍ନାନ ପୂର୍ଣ୍ଣମୀରେ ପ୍ରତି ରଥର ଚାରିନାହାକା ଉଠିବ । ଏଠାରେ ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟାରେ ରଥ ନିର୍ମାଣର ଅନୁକୂଳ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo